# ଖଣି ବିଭାଗର କମିଟି ଧର୍ମଶାଳାରେ ନିରର୍ଥକ

■ ଜିଲା, ସବ୍‌ଡିଭିଜନାଲ, ତହସିଲସ୍ତରୀୟ କମିଟି ନିଷ୍କ୍ରିୟ
■ ବରଡ଼ା-୧ ନମ୍ବର ଖାଦାନରୁ ବ୍ୟାପକ କଳାପଥର ଲୁଟ୍

**ଯାଜପୁର,୨୨।୧୨(ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟ ସରକାରଙ୍କ ଷ୍ଟିଲ ଏବଂ ମାଇନ୍ସ ବିଭାଗ ପକ୍ଷରୁ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କାରବାରକୁ ନିୟନ୍ତ୍ରଣ କରିବା ପାଇଁ ଗତ ପ୍ରାୟ ୨ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ହେବ ସବ୍‌ଡିଭିଜନାଲ ଏବଂ ତହସିଲସ୍ତରୀୟ କମିଟି ଗଠନ କରାଯାଇଛି। କିନ୍ତୁ ଏହି କମିଟି ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ନିରର୍ଥକ ହୋଇଛି। ଗତ କିଛିଦିନ ହେଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବରଡ଼ା-୧ ନମ୍ବର ଖାଦାନରୁ ରାତିସମୟରେ ମୂଲ୍ୟବାନ କଳାପଥର ବିପୁଳ ପରିମାଣରେ ଲୁଟ ହେଉଥିବା କମିଟିର ସଦସ୍ୟମାନଙ୍କ ନିଷ୍କ୍ରିୟତା ଏବଂ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ମତପ୍ରକାଶ ପାଇଛି।

ବେଆଇନ ଖାଦାନଗୁଡ଼ିକ ଉପରେ ଚଢ଼ାଉ, ସମୀକ୍ଷା ଇତ୍ୟାଦି ପଦକ୍ଷେପ ସମ୍ପର୍କରେ ଉକ୍ତ କମିଟି ମାସକୁ ଥରେ ଜିଲାସ୍ତରୀୟ ଟାସ୍କଫୋର୍ସ ଏବଂ ଲଘୁ ଖଣି ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦେବେ ବୋଲି ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ୪।୧୨।୨୦୨୪ରେ ଏକ ବିଜ୍ଞପ୍ତି ଜାରି କରିଥିଲେ। ବିଜ୍ଞପ୍ତି ଅନୁସାରେ ସବ୍‌ଡିଭିଜନାଲ କମିଟିରେ ଉପଜିଲାପାଳ ଅଧ୍ୟକ୍ଷ ରହିଥିବାବେଳେ ଏସ୍‌ଡିପିଓ, ଏସିଏଫ୍/ରେଞ୍ଜ ଅଫିସର, ତହସିଲଦାର, ଥାନାଧିକାରୀ ସଦସ୍ୟ ଥିବାବେଳେ ମାଇନିଂ ଅଫିସର ଆବାହକ ସଭ୍ୟ ରହିଛନ୍ତି। ସେହିପରି ତହସିଲ ସ୍ତରୀୟ କମିଟିରେ ତହସିଲଦାର ଅଧ୍ୟକ୍ଷ ରହିଥିବାବେଳେ ଥାନାଧିକାରୀ ଓ ରେଞ୍ଜ ଅଫିସର ସଭ୍ୟ ଏବଂ ମାଇନିଂ ଅଫିସର ଆବାହକ ସଦସ୍ୟ ଅଛନ୍ତି। କିନ୍ତୁ ଉପରୋକ୍ତ ସମସ୍ତ ଅଧିକାରୀମାନଙ୍କୁ ନିଜ ହାତମୁଠାରେ ରଖି ବରଡ଼ା-୧ ନମ୍ବର ଖାଦାନରୁ ୧୦ରୁ ଉର୍ଦ୍ଧ୍ୱ କମ୍ପ୍ରେସର ଏବଂ ୨ରୁ ୪ଟି ଏସ୍କାଭେଟର ସହାୟତାରେ ଦୈନିକ ପ୍ରାୟ ୫ ହଜାର ଟନ କଳାପଥର ବେଆଇନ ଭାବେ ଉତ୍ତୋଳନ ହେଉଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଏଥିରୁ ପ୍ରାୟ ୨୦ ଭାଗ ଅର୍ଥ ଅଧିକାରୀମାନଙ୍କୁ ବାଣ୍ଟିଦେଇ ଅନାୟାସରେ ବେଆଇନ ଉତ୍ତୋଳନ ହେଉଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏନେଇ ଅଞ୍ଚଳବାସୀ ଜିଲାସ୍ତରର ସଦସ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ପାରିନାହିଁ। ଏପରିକି ଏହି ବେଆଇନ କଳାପଥର ନିକଟ କେତେକ କ୍ରଶରକୁ ବିକ୍ରି ହେଉଥିବା ସୂଚନା ମିଳିଛି। ଟାସ୍କଫୋର୍ସ, ଡିଭିଜିନାଲ ଓ ତହସିଲସ୍ତରୀୟ କମିଟିର ସଦସ୍ୟମାନେ ଯଦି କ୍ରଶରଗୁଡ଼ିକରେ ମହଜୁଦ ଥିବା କଳାପଥରର ପରିମାଣ ଉପରେ ଯାଞ୍ଚ କରିବେ ତେବେ ବାସ୍ତବତା ସହଜେ ଜଣାପଡ଼ିବ। କିନ୍ତୁ କମିଟି ଜାଣିଶୁଣି ନୀରବି ରହିଥିବା ଅଭିଯୋଗ ହେଉଛି। ବେଆଇନ କାରବାର ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କ କାର୍ଯ୍ୟରେ ସ୍ୱଚ୍ଛତାର ଅଭାବ ଯୋଗୁ ଧର୍ମଶାଳା ତହସିଲ ଅଞ୍ଚଳରେ ମହଜୁଦ ଥିବା ବିପୁଳ ମୂଲ୍ୟବାନ କଳାପଥର ଲୋପ ପାଇଯିବ ବୋଲି ମତପ୍ରକାଶ ପାଉଛି। ଯେଉଁଠାରୁ ସରକାର ବାର୍ଷିକ ବହୁ କୋଟି ଟଙ୍କାର ରାଜସ୍ୱ ପାଉଥିଲେ ତାହା ଚଳିତ ବର୍ଷ ଅନେକାଂଶରେ ହ୍ରାସ ପାଇଥିବା ସୂଚନା ମିଳିଛି। କାରଣ ପାଖାପାଖି ୯୦ଟି କଳାପଥର ଖାଦାନରୁ ମାତ୍ର ୨୪ଟି ଖାଦାନକୁ ଲିଜ୍ ଦେଇ ରାଜସ୍ୱ ଆଦାୟ ହୋଇଛି। ବାକି କଳାପଥର ଖାଦାନରୁ ବେଆଇନ ଉତ୍ତୋଳନ କରି ବ୍ୟବସାୟୀ, ନେତା ଓ ଅଧିକାରୀ, କର୍ମଚାରୀ ମିଳିମିଶି ଭାଗବଣ୍ଟା କରି ମାଲାମାଲ ହେଉଥିବା ଚର୍ଚ୍ଚା ହେଉଛି। ଏହି କାରଣରୁ କଳାପଥର ଲୁଟ୍ କାରବାରକୁ ନିୟନ୍ତ୍ରଣ କରିବାକୁ ପୂର୍ବରୁ ଯେତେ ଆଇନ କାନୁନ ପ୍ରଣୟନ ହୋଇଥିଲେ ବି ସେଗୁଡ଼ିକ ଫାଇଲ ଭିତରେ ଦବି ରହିଛି। ଏ ସଂକ୍ରାନ୍ତରେ ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, କମିଟିଗୁଡ଼ିକ ପକ୍ଷରୁ ନିୟମିତ ଭାବେ ଚଢ଼ାଉ କରାଯାଉଛି। କଳାପଥର ଲୁଟ୍ କାରବାର ଉପରେ ପ୍ରଶାସନିକ ଅବହେଳା କିମ୍ବା ଅନିୟମିତତା ହେଉନାହିଁ।

## ସଂକ୍ଷେପରେ

### ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼, ଜଣେ ଗିରଫ

ଚଣ୍ଡିଖୋଲ,୨୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁର ଗ୍ରାମର କଦମ ମହଲା ବସ୍ତିରେ ଜଣେ ବିଦ୍ୟୁତ୍ କର୍ମଚାରୀଙ୍କୁ ଘରରେ ପୁରାଇ ୬ ଘଣ୍ଟା ଧରି ଅଟକ ରଖିବା ସହିତ ମାଡ ମାରି ଲହୁଲୁହାଣ କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସେକ୍ ମକସୁଦ। ଘଟଣାର ମୁଖ୍ୟ ଅଭିଯୁକ୍ତ ସେକ ମହମୁଦ ଫେରାର ଅଛନ୍ତି। ସୂଚନା ଅନୁଯାୟୀ, ଏହି ଥାନା ଆମ୍ବସୌରି ଗ୍ରାମର ନକୁଳ ସ୍ୱାଇଁଙ୍କ ପୁତ୍ର ଅବିନାଶ ସ୍ୱାଇଁ ପତରାଜପୁର ବିଦ୍ୟୁତ ସେକସନରେ ଲାଇନ ମ୍ୟାନ ଭାବେ କାର୍ଯ୍ୟ କରନ୍ତି। ସେ ଗତ ୧୮ ତାରିଖରେ ନଳୀପୁର ଗ୍ରାମକୁ ବିଦ୍ୟୁତ୍ ବିଲ ଆଦାୟ ପାଇଁ ଯାଇଥିଲେ। ବକେୟା ବିଲ ମାଗିବାରୁ ନଳୀପୁର କଦମ ମହଲା ଗ୍ରାମର ସେକ ମହମୁଦ ତାଙ୍କୁ ଘୋଷାରି ନେଇ ଘରେ ପୁରାଇ ମାଡ ମାରିଥିଲେ। ମହମୁଦଙ୍କ ସାନ ଭାଇ ସେକ ମକସୁଦ ତାଙ୍କୁ ସହଯୋଗ କରିଥିଲେ। ସେମାନେ ଦିନ୪ଟାରୁ ଘରେ ପୁରାଇ ମାଡ ମାରି ରାତି ୧୧ଟାରେ ଅବିନାଶଙ୍କୁ ଆଣି ତାଙ୍କ ଘର ପାଖ ଛକ ନିକଟରେ ଛାଡି ପକାଇ ଯାଇଥିଲେ। ଅବିନାଶଙ୍କୁ ଗୁରୁତର ଅବସ୍ଥାରେ ପାଇ ପରିବାର ଲୋକେ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଖୁବ୍‌ଶୀଘ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।

### ଚଣ୍ଡିଖୋଲ ପ୍ରେସ୍ କ୍ଲବର ସାଧାରଣ ବୈଠକ

ଚଣ୍ଡିଖୋଲ,୨୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ଚଣ୍ଡିଖୋଲ ପ୍ରେସ କ୍ଲବର ସାଧାରଣ ବୈଠକ ରବିବାର ପ୍ରେସ କ୍ଲବ ସଭା ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ବେଣୁଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଣ୍ଡିଖୋଲଠାରେ ଏଡିଜେ କୋର୍ଟ ଖୋଲି ଥିବାରୁ ରାଜ୍ୟ ସରକାର ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ସମସ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ପାଦକ ଦିଲୀପ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ପରେ ବଣଭୋଜି ଓ ସଭ୍ୟ ନବୀକରଣ ନେଇ ଆଲୋଚନା ହୋଇଥଲା। ଆଲୋଚନାରେ ଖବରଦାତା ନରହରି ରାଉତ, ପ୍ରଶନ୍ନ କୁମାର ବିଶ୍ୱାଳ, ପ୍ରତାପ କୁମାର ରାଉତରାୟ, ପ୍ରଶାନ୍ତ କୁମାର ଜେନା, ମୋହନ ଖିଲାର, ସଞ୍ଜୟ କୁମାର ସ୍ୱାଇଁ ଓ ମହେଶ ରାଉତ ପ୍ରମୁଖ ଭାଗ ନେଇଥିଲେ। ସମରେନ୍ଦ୍ର ମହଲା ଧନ୍ୟବାଦ ଦେଇଥିଲେ।

### ପୋଖରୀରେ ବୁଡ଼ି ବାଳକ ମୃତ

କଣାସ,୨୨।୧୨ (ବିଭୂତି ଭୂଷଣ ତ୍ରିପାଠୀ): କଣାସ ଥାନା କଣାସ ଗ୍ରାମର କପିଳେଶ୍ୱର ଦାସଙ୍କ ୭ ବର୍ଷର ପୁଅ ସତ୍ୟଜିତ ରବିବାର କଣାସ ବଡ଼ପୋଖରୀରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସତ୍ୟଜିତ ସକାଳୁ ପୋଖରୀକୁ ମୁହଁ ଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଗଭୀର ଜଳକୁ ଚାଲିଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

# ରାଷ୍ଟ୍ରୀୟ ବଜରଙ୍ଗ ଦଳର ନୂତନ ଶାଖା ପ୍ରତିଷ୍ଠା



ରାଷ୍ଟ୍ରୀୟ ବଜରଙ୍ଗ ଦଳର ନୂତନ ଶାଖା ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ଛତିଆ,୨୨।୧୨(ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦା ଗ୍ରାମରେ ବଡ଼ଚଣା ବ୍ଲକ ରାଷ୍ଟ୍ରୀୟ ବଜରଙ୍ଗ ଦଳ ମୁଖ୍ୟ ଦେବୀପ୍ରସାଦ ନନ୍ଦଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ନୂତନ ଶାଖା ପ୍ରତିଷ୍ଠା କରାଯାଇଛି। କାର୍ଯ୍ୟକ୍ରମରେ ସହ ସଂଯୋଜକ ବିକ୍ରାନ୍ତ ସାମଲ, ପ୍ରକାଶ ସିଂହ, ଗୋ ସୁରକ୍ଷା ପ୍ରମୁଖ ଲିଟୁନ ସିଂହ, ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଭାପତି ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଏକ ଶୋଭାଯାତ୍ରାରେ ସଭା ସ୍ଥଳକୁ ପାଛୋଟି ନିଆଯାଇଥିଲା। ଜିଲା ମାର୍ଗଦର୍ଶକ ଅରବିନ୍ଦ ଦାଶ ଦୀପ ପ୍ରଜ୍ୱଳନ କରିଥିଲେ। ଶାଖା ସଂଯୋଜକ ଗୌର କୁମାର ଷଡ଼ଙ୍ଗୀ, ସହ ସଂଯୋଜକ ପ୍ରଶାନ୍ତ କୁମାର ଦାସ, ଶେଷଦେବ ସାମଲ, ସୁରକ୍ଷା ପ୍ରମୁଖ କୃତିବାସ ସାହୁ, ଗୋ ସୁରକ୍ଷା ପ୍ରମୁଖ ବିଶ୍ୱଜିତ ମଲ୍ଲିକ, ସୂଚନା ପ୍ରମୁଖ ଦିବ୍ୟପ୍ରକାଶ ସାମଲ, ସାପ୍ତାହିକ ମିଳନ କେନ୍ଦ୍ର ପ୍ରମୁଖ ରଜତ ସାମଲ, ମହାବିଦ୍ୟାଳୟ ସମ୍ପର୍କ ପ୍ରମୁଖ ରୁଦ୍ର ତ୍ରିପାଠୀ, ଆଖଡ଼ା ପ୍ରମୁଖ କିଶୋର ଓଝାଙ୍କୁ ବିଧିବଦ୍ଧ ଦାୟିତ୍ୱର ଶପଥପାଠ କରାଯାଇଥିଲା। ବୈଠକରେ ଜିଲା ସଂଯୋଜକ ଚିନ୍ମୟ ଚିରସୁନ୍ଦର ପରିଡା, ସହ ସଂଯୋଜକ ମୃତ୍ୟୁଞ୍ଜୟ ପଟ୍ଟନାୟକ, ସୁରକ୍ଷା ପ୍ରମୁଖ ବାଦଲ ନାୟକ ପ୍ରମୁଖ ଯୋଗଦେଇ ଯୁବକମାନଙ୍କୁ ମଠ ମନ୍ଦିର ସୁରକ୍ଷା, ଗୋ ସୁରକ୍ଷା ଏବଂ ଧର୍ମରକ୍ଷା ବିଷୟରେ ସଚେତନ କରାଇଥିଲେ।

# ବିଦ୍ୟାଳୟ ବାରଣ୍ଡାରେ ଚାଲିଛି ଟିକାକରଣ



ବିଦ୍ୟାଳୟ ବାରଣ୍ଡାରେ ଟିକାକରଣ କରାଯାଉଛି।

**ଜେନାପୁର,୨୨।୧୨(ଅଶୋକ ଦାସ):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର ସରକାରୀ ବିଦ୍ୟାଳୟ ବାରଣ୍ଡାରେରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିକାକରଣ ସେଣ୍ଟର ଚାଲୁଥିବା ଦେଖିବାକୁ ମିଳିଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମର୍ଜିତାପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନ ଥିବାରୁ ଟିକାକରଣ ସେଣ୍ଟର ପାଇଁ ବହୁ ଅସୁବିଧା ହେଉଛି। ଫଳରେ ଗର୍ଭବତୀ, ପ୍ରସୂତି ଓ ଅନ୍ୟମାନଙ୍କ ପାଇଁ କେବେକେବେ ସ୍କୁଲ ବାରଣ୍ଡା, କୋଠଘର, ଗଛମୂଳେ ଟିକାକରଣ କରାଯାଉଛି। ମର୍ଜିତାପୁର ପଞ୍ଚାୟତରେ ୯ ହଜାରରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଥିବାରୁ ଏଠାରେ ଉପସ୍ୱାସ୍ଥ୍ୟକେନ୍ଦ୍ରର ଗୃହର ନିହାତି ଆବଶ୍ୟକତା ରହିଛି। ଖାଲି ସେତିକି ନୁହେଁ, ଏହି ସେଣ୍ଟରରେ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ମହିଳା ସ୍ୱାସ୍ଥ୍ୟକର୍ମୀ ନ ଥିବାରୁ ମହିଳାମାନଙ୍କ ବିଭିନ୍ନ ସମସ୍ୟା ହେଉଛି। ସରକାର ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏଠାରେ ତା'ର ବ୍ୟତୀକ୍ରମ ଦେଖିବାକୁ ମିଳୁଛି। ରାଜନୈତିକ ଛକାପଞ୍ଝା ସହିତ ପ୍ରଶାସନିକ ଅବହେଳା ଯୋଗୁ ଏଭଳି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲାପାଳ ତୁରନ୍ତ ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧୀର କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଉପସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ପ୍ଲାନ ଦିଆଯାଇଛି। ତୁରନ୍ତ ଏହାର ନିର୍ମାଣ କରାଯିବ ଓ କାର୍ଯ୍ୟ ତୁଲାଇବା ପାଇଁ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଅଛନ୍ତି। ତୁରନ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯିବ।

## ବଡ଼ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ

ଧର୍ମଶାଳା,୨୧।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋ ସ୍କୁଲ ଅଭିଯାନର ସଭାପତି ଚିତ୍ତରଞ୍ଜନ ଜେନା ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ପ୍ରଭାତ କୁମାର ଜେନା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଉଦୟ ପାଳ, ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ଅଜିଜୁଲା, ପରିଚାଳନା କମିଟି ସଭାପତି ହରିଶ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ୯୩ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପୋଷାକ ସହ ଜୋତା, ଟୋପି ଓ ପରିଚୟ ପତ୍ର ପ୍ରଦାନ କରିଥିଲେ। ମଙ୍ଗଳପୁର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ଦାଶ, ସୁଦୀପ୍ତା ପ୍ରିୟଦର୍ଶିନୀ ଦାସ, ଶିକ୍ଷକ ଅଭୟ କୁମାର ସ୍ୱାଇଁ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ଶତପଥୀ ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳା କଂଗ୍ରେସ ପକ୍ଷରୁ ଚାରା ରୋପଣ



**ଧର୍ମଶାଳା,୨୨।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ମଠ, ମନ୍ଦିର ଓ ମସଜିଦର ଖୋଲା ସ୍ଥାନରେ ଚାରାରୋପଣ କରାଯାଉଛି। କାର୍ତ୍ତିକ ପୂର୍ଣ୍ଣମୀଠାରୁ କଂଗ୍ରେସ ନେତା କିଷାନ ପଣ୍ଡାଙ୍କ ନେତୃତ୍ୱରେ ଏହି ଅଭିଯାନ ଚାଲୁରହିଛି। ରବିବାର ଧର୍ମଶାଳା ବ୍ଲକର ଅରେଇକଣାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଚନ୍ଦନ, ଅଁଳା, ଚମ୍ପା, ବଉଳ, କଦମ୍ବ, ଅଶୋକ, ବେଲ ଆଦି ବିଭିନ୍ନ କିସମର ଚାରାରୋପଣ କରାଯାଇଛି। ଏଥିରେ ସ୍ୱାମୀ ପାତଞ୍ଜଳି ଜୀ ମହାରାଜ, ସ୍ୱାମୀ ଅନାମ ମୁନୀ, ବାବାଜି ଗୌତମ ଦାଶ, ଅବସରପ୍ରାପ୍ତ ଯନ୍ତ୍ରୀ ନରେନ ଜେନା, ଡ. ବିକ୍ରମ ମିଶ୍ର, ଦିଲୀପ କୁମାର ଦେବତା, ସନ୍ତୋଷ ପତି, କୁଞ୍ଜ ବିହାରୀ ନାୟକ, କୃଷକ ନେତା ବସନ୍ତ ପରିଡ଼ା, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, ଗଗନ ବିହାରୀ ରାଉତ ଓ ଆଲୋକ ରାଉତ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ବିଜେଡି ସମର୍ଥିତ ସରପଞ୍ଚ, ୯ ୱାର୍ଡ ସଭ୍ୟଙ୍କ ଇସ୍ତଫା

**ଜିଲା ଯୁବସାଧାରଣ ସମ୍ପାଦକ ବି ଛାଡ଼ିଲେ ଦଳ**

**ଧର୍ମଶାଳା,୨୨।୧୨(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ, ନାଏବ ସରପଞ୍ଚ ଓ ୯ଜଣ ୱାର୍ଡସଭ୍ୟଙ୍କ ସମେତ ଅନେକ ବିଜେଡି କର୍ମୀ ଦଳରୁ ଇସ୍ତଫା ଦେଇଛନ୍ତି। ଏଥିସହିତ ପଞ୍ଚାୟତର ଯୁବ ସଂଗଠକ ତଥା ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ଗୌତମ ସାହୁ ଦଳର ପ୍ରାଥମିକ ସଦସ୍ୟତା ସହ ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି। ଦଳ ଅଣଦେଖା କରିବା ଅଭିଯୋଗ ଆଣି ସମସ୍ତେ ନିଜ ଇସ୍ତଫାପତ୍ର ବ୍ଲକ ସଭାପତିଙ୍କ ନିକଟକୁ ପଠାଇଦେଇଛନ୍ତି। ଉତ୍ତରପ୍ରତାପ ସରପଞ୍ଚ ନିମାଁଇ ମଳିକ, ନାଏବ ସରପଞ୍ଚ ବିଦ୍ୟୁଲତା ଦାଶ, ୱାର୍ଡ ସଭ୍ୟା ଗୀତାଞ୍ଜଳି ମହାନ୍ତି, ପ୍ରତୀମା ବେହେରା, ପ୍ରଭାସିନୀ ବେହେରା, ନିରୁପମା ପଣ୍ଡା, ବାସନ୍ତୀ ସେଠୀ, ଜୟନ୍ତୀ ବେହେରା, ଗୀତା ବେହେରା, ସସ୍ମିତା ମହାନ୍ତି, ପଞ୍ଚାୟତ ଯୁବ ବିଜେଡି ସଭାପତି ସତ୍ୟନାରାୟଣ ବେହେରା, ପଞ୍ଚାୟତ ମହିଳା ସଭାନେତ୍ରୀ ଚୁନିଲତା ମହାନ୍ତି, ପୂର୍ବତନ ନାଏବ ସରପଞ୍ଚ ପଦ୍ମନାଭ କୁଣ୍ଡୁ, ମହେଶ ସାହୁ ପ୍ରମୁଖ ଇସ୍ତଫା ଦେଇଥିବା କହିଛନ୍ତି। ଆଗାମୀ ଦିନରେ ସମସ୍ତେ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ହେଉଛି।

## ଦିବ୍ୟାଙ୍ଗଙ୍କ ସାହାରା ଥିଲେ ପ୍ରଶାନ୍ତ

ବିଞ୍ଝାରପୁର,୨୨।୧୨(ରାମକୃଷ୍ଣ ଦାସ): ସହକାରୀ ଆବାସ ପ୍ରଦ୍ୟୋଗର ପତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ରଙ୍କ ଏକ ସ୍ମୃତିଚାରଣସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ ଯୋଗଦେଇ ପ୍ରଶାନ୍ତ ଦିବ୍ୟାଙ୍ଗମାନଙ୍କ ସାହାରା ଥିଲେ ବୋଲି ଅଭିହିତ କରିବା ସହ ଦୀର୍ଘ କୋଡ଼ିଏ ବର୍ଷ ହେବ ଏକ ସହକାରୀ ଆବାସ ପ୍ରଦ୍ୟୋଗ ପ୍ରତିଷ୍ଠା କରି ଜିଲାର କୋଣ ଅନୁକୋଣରୁ ଅସହାୟ ଦିବ୍ୟାଙ୍ଗଙ୍କୁ ଆଣି ସେମାନଙ୍କର ଭଲମନ୍ଦ ବୁଝୁଥିଲେ ବୋଲି କହିଥିଲେ। ସଭାରେ କୃଷକ ନେତା ନିତ୍ୟାନନ୍ଦ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସମ୍ମାନିତ ଅତିଥିଭାବେ କଂଗ୍ରେସ ନେତା ଶିଶିର କୁମାର ନାୟକ, ପଦ୍ମାକର ଗୁରୁ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଜରି ସରପଞ୍ଚ ନନ୍ଦକିଶୋର ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରଦୀପ ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ଶତପଥୀ, ସରୋଜ ସାହୁ, ହରିହର ସ୍ୱାଇଁ, ଧ୍ରୁବଚରଣ ସାହୁ, ଅକ୍ଷୟ ବିଶାଳ ପ୍ରମୁଖ ଉପସ୍ଥିତି ରହି ମିଶ୍ରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ।

# କାଏମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




କାଏମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**କାଏମା,୨୨।୧୨(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅଧୀନ କାଏମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏକବିଂଶତମ ବାର୍ଷିକ ଉତ୍ସବ ରବିବାର ଅପରାହ୍ନରେ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷାବିକାଶ ସମିତି ସମ୍ପାଦକ ମହେନ୍ଦ୍ର କୁମାର ଘଡ଼େଇ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଇଂ. ଚିତ୍ତରଞ୍ଜନ ମଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ରୀତାରାଣୀ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଜିର ଶିଶୁ ଆଗାମୀ ଦିନର ଭବିଷ୍ୟତ, ନୈତିକ ଶିକ୍ଷା, ସୁଦ୍ଧଚରିତ୍ର ଓ ପଠନଶୀଳ ମନବୃତ୍ତିକୁ ଛାତ୍ରୀଛାତ୍ର ଐକକେନ୍ଦ୍ରିକ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହ ଦେଶର ସୁସ୍ଥ ନାଗରିକ ହୋଇପାରିବେ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ପରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପିଲାମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଶିଶୁମନ୍ଦିର ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ଆଚାର୍ଯ୍ୟାଆଚାର୍ଯ୍ୟ ଓ ସେବିକାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା କମିଟି କୋଷାଧ୍ୟକ୍ଷ ସୁକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପାଣି ପଞ୍ଚାୟତ ପକ୍ଷ ପାଳିତ

**ଧର୍ମଶାଳା/ଜେନାପୁର,୨୨।୧୨ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅଧୀନ ଜାରକା ଜଳସେଚନ ବିଭାଜନ ପକ୍ଷରୁ ଜେନାପୁରସ୍ଥିତ ଜଳସେଚନ କାର୍ଯ୍ୟାଳୟ ପରିସରରେ ରବିବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଜାରକା ଜଳସେଚନ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସାଚୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜାରକା ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପାଣି ପଞ୍ଚାୟତ ପକ୍ଷରୁ ପ୍ରହଲ୍ଲାଦ ନନ୍ଦ, ନଳିନିକାନ୍ତ ପୃଷ୍ଟି, ରମେଶ ଚନ୍ଦ୍ର ଜେନା, ଦୁଃଶାସନ ସାହୁ, ପଦ୍ମନାଭ ଜେନା ଓ ବିଧାୟକଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ବରାଳ ଯୋଗଦେଇ ପାଣି ପଞ୍ଚାୟତ ଗଠନର ଉପକାରିତା ସମ୍ପର୍କରେ ଆଲୋକପାତ କରିବା ସହ ଏଥିରେ ରହୁଥିବା ବିଭିନ୍ନ ତ୍ରୁଟି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଚାଷୀ ଅନନ୍ତ କୁମାର ଷଣ୍ଢ ଜଳ ସେଚନ ସମସ୍ୟା ଉପରେ କହିଥିଲେ। ସରକାରଙ୍କ ଦ୍ୱାରା ପ୍ରଦତ୍ତ ଶପଥପାଠକୁ ବରୀ ଜଳସେଚନ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ତ୍ରିପାଠୀ ପଠନ କରିଥିଲେ। ପୂର୍ବରୁ ଜାରକା ଜଳସେଚନ ବିଭାଜନ ପକ୍ଷରୁ ଅନୁଷ୍ଠିତ ହୋଇଥିବା ହାଇସ୍କୁଲସ୍ତରୀୟ ରଚନା, ବିତର୍କ, କୁଇଜ, ଚିତ୍ରାଙ୍କନ, ଜଳସେଚନ ପ୍ରଦର୍ଶନୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରଚନାରେ ଜୟଶ୍ରୀ ରାଉତ ପ୍ରଥମ, ବର୍ଷା ପ୍ରିୟଦର୍ଶନୀ ମାହାଲା ଦ୍ୱିତୀୟ ଓ ନିକିତା ରାୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିତର୍କରେ ଶୈଳଜା କର, ଶ୍ରୀୟା ପତି, ପ୍ରଲିପ୍ତା ପଲେଇ, କୁଇଜରେ ସାଇସ୍ମିତା ଜେନା, ସାଦିକ ତସଲିମା ଓ ଇତିଶ୍ରୀ ରାଉଳ, ପଦ୍ମିନୀ ପ୍ରଧାନ, ଚିତ୍ରାଙ୍କନରେ ମୋହନ କୁମାର ସିଂ, କ୍ରୀତିପ୍ରଜ୍ଞା ଜେନା, ସମୀକ୍ଷା ନାଥ, ସାଇ ଶୁଭମ ବେହେରା, ପ୍ରଦର୍ଶନୀରେ ରତିକାନ୍ତ ବିଶ୍ୱାଳ, ଶୁଭଶ୍ରୀ ସଞ୍ଚିତା ବେହେରା, ଏଏନ୍ ଅବିନାଶ ଘଡେଇ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରାରମ୍ଭରେ ସ୍ଥାନୀୟ ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ସହକାରୀ ଯନ୍ତ୍ରୀ ଚକ୍ରଧର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଚଣ୍ଡିଖୋଲ ଜଳସେଚନ ଉପଖଣ୍ଡ ସହକାରୀ ଯନ୍ତ୍ରୀ ଭାଗବତ ବେହେରା ଧନ୍ୟବାଦ ଦେଇଥିଲେ।



ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀମାନେ।

ଫଟୋ: ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଅତିଥି ଓ ଛାତ୍ରୀମାନେ।

## ଜାତୀୟ ଗଣିତ ଦିବସ ପାଳିତ

ଡେରାବିଶ, (ବେବର୍ତ୍ତା ଅଜୟ ଦାସ) : ଡେରାବିଶ ବ୍ଲକ ଅଧୀନ ଠାକୁରପାଟଣା ପ୍ରକଳ୍ପ ଉନ୍ନୀତ ୟୁପି ସ୍କୁଲରେ ଜାତୀୟ ଗଣିତ ଦିବସ ରବିବାର ପାଳିତ ହୋଇଯାଇଛି। ଏଥିସହ ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜୟନ୍ତୀ ପାଳନ ହୋଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ବରିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ ଏବଂ ନିମନ୍ତ୍ରିତ ଅଭିଜ୍ଞ ଗଣିତ ଶିକ୍ଷକ ମଧ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଅଧକ୍ଷତା କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗଣିତ ସମ୍ପର୍କିତ ମୂଲ୍ୟବାନ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷୟିତ୍ରୀ ମମତା ମହାନ୍ତି ଓ ଶିକ୍ଷାବିତ୍ ଉମାକାନ୍ତ ଦାସ ଯୋଗଦେଇ ଗଣିତ ଦିବସର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। କେତେଜଣ ଛାତ୍ରୀଛାତ୍ର ମଧ୍ୟ ଗଣିତ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ଏକତରଫା ପ୍ରେମରୁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ଡେରାବିଶ, ୨୨।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅଞ୍ଚଳର ଏକ ଗ୍ରାମରେ ଜଣେ ନାବାଳିକା ଛାତ୍ରୀଙ୍କୁ ଏକ ତରଫା ପ୍ରେମ କରି ଜଣେ ଯୁବକ ନିର୍ଯାତନା ଦେଉଥିଲେ। ଫଳରେ ଛାତ୍ରୀ ଜଣକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଛାତ୍ରୀ ଓ ଛାତ୍ର ଗୋଟିଏ କଲେଜରେ ପାଠ ପଢ଼ନ୍ତି। ଛାତ୍ର ଜଣକ ବିଭିନ୍ନ ସମୟରେ ଛାତ୍ରୀଙ୍କୁ ଫୋନ କରି ହଇରାଣ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଛାତ୍ରୀ ଜଣକ ଏହାର ପ୍ରତିବାଦ କରିବା ସହ ତାଙ୍କ ପରିବାର ଲୋକେ ଛାତ୍ରୀଙ୍କୁ ତାଙ୍କ ମାମୁ ଘରକୁ ପଠାଇ ଦେଇଥିଲେ। ପରେ ମଧ ଛାତ୍ର ଜଣକ ଛାତ୍ରୀଙ୍କ ପିଛା ଛାଡ଼ି ନ ଥିଲେ। ଅନ୍ୟ ପିଲାଙ୍କ ଦ୍ୱାରା ଫୋନ କରାଇ ଆଶ୍ରାବ୍ୟ ଭାଷାରେ ଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ ମାନସିକ ନିର୍ଯାତନା ଦେଉଥିଲେ। ଶେଷରେ ମାନସିକ ଭାରସାମ୍ୟ ହରାଇ ଛାତ୍ରୀ ଜଣଙ୍କ ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅଧିକ ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୭୬/୨୪ରେ ମାମଲା ରୁଜୁ କରିଛି। ରବିବାର ପୋଲିସ କଟକ ବଡ଼ ମେଡିକାଲକୁ ଯାଇ ଛାତ୍ରୀଙ୍କ ବୟାନ ରେକର୍ଡ କରିଥିବା ଜଣାଯାଇଛି।

### ପଟ୍ଟାମୁଣ୍ଡାଇରେ ଜାତୀୟ ଗଣିତ ଦିବସ

ପଟ୍ଟାମୁଣ୍ଡାଇ, ୨୨।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଗଣିତ ବିଭାଗ ପକ୍ଷରୁ ଜାତୀୟ ଗଣିତ ଦିବସଓ ଗାଣିତିକ ଶ୍ରୀନିବାସ ରାମାନୁଜନଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଦିଲୀପ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଗଣିତ ବିଭାଗର ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରସାୟନ ବିଭାଗର ପ୍ରାଧ୍ୟାପକ ଡ. ସୁନୀଲ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ ଐତିହାସିକ ଯୁଗରୁ ଏପର୍ଯ୍ୟନ୍ତ ବିଶ୍ୱ ଦରବାରରେ ଭାରତୀୟଙ୍କର ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ଡ. ନିର୍ମଳ ସାହୁ ଗାଣିତିକ ରାମାନୁଜନଙ୍କର ଜୀବନୀ ଓ ତାଙ୍କର ଗଣିତ ପ୍ରତିଭା ଅଦ୍ୱିତୀୟ ବୋଲି କହିଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ଅଧ୍ୟାପକ ବିଶ୍ୱଜିତ ଷଡଙ୍ଗୀ ଗଣିତ ବିଜ୍ଞାନର ମୂଳମନ୍ତ୍ର ବୋଲି ମତ ପୋଷଣ କରିଥିଲେ। ଶେଷରେ କମ୍ପ୍ୟୁଟର ସାଇନ୍ସ ବିଭାଗର ଅଧାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଗଣିତ ଓ କମ୍ପ୍ୟୁଟର ସାଇନ୍ସ ବିଭାଗର ସମସ୍ତ ଛାତ୍ରୀଛାତ୍ର ଏବଂ ଗଣିତ ଆଲୁମିନି ଆସୋସିଏଶନର ସଭ୍ୟବୃନ୍ଦ ଯୋଗ ଦେଇଥିଲେ।

# ଶିକାରୀଙ୍କ ଲୋଲୁପ ଦୃଷ୍ଟିରେ ଭିତରକନିକା

କେନ୍ଦ୍ରାପଡ଼ା, ୨୨।୧୨ (ଜଗନ୍ନାଥ ଧଳ)

ଏବେ ପିକ୍‌ନିକ୍ ଋତୁ ଆରମ୍ଭ ହୋଇଛି। ଏଥିସହ ଆଗକୁ ବଡ଼ଦିନ ଓ ନୂଆବର୍ଷ ଭୋଜି ପାଇଁ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଜାତୀୟ ଉଦ୍ୟାନ ଭିତରକନିକା ଉପରେ ରହିଛି। ବନ୍ୟ ପ୍ରାଣୀ ବାର୍‌ହା, ହରିଣ, ଦେଶୀ ଓ ବିଦେଶାଗତ ପକ୍ଷୀ, ସାମୁଦ୍ରିକ ପ୍ରାଣୀ ଅଲିଭ ରିଡ୍‌ଲେ ଆଦି ଏହି ପିକ୍‌ନିକ୍ ଋତୁରେ ସୁରକ୍ଷିତ ନୁହନ୍ତି। ଏଥିସହ ଏବେ ଭିତରକନିକା ସାମୁଦ୍ରିକ ଅଞ୍ଚଳରେ ପ୍ରଚୁର ମାଛ ଦେଖା ଦେଉଥିବାରୁ ବେଆଇନ ବ୍ୟବସାୟୀଙ୍କ ଆଖି ପଡିଛି। କଟକଣା ସତ୍ତ୍ୱେ ନିଷିଦ୍ଧାଞ୍ଚଳରୁ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ମାଛ ଧରିବା ଅଭିଯୋଗରେ ଗିରଫ ହୋଇସାରିଲେଣି। ଆସନ୍ତା ବଡ଼ଦିନ ଓ ନୂଆବର୍ଷ ପାଇଁ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଭିତରକନିକାରେ ପଡ଼ିଛି ବୋଲି ସ୍ଥାନୀୟ ଅଞ୍ଚଳରେ ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ରାଜନଗରର ବସନ୍ତ କୁମାର ହାତୀ କହିଛନ୍ତି, ବଡ଼ଦିନ ଓ ନୂଆବର୍ଷରେ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ହୋଇଥିବା ବେଳେ ସମସ୍ତ ଅଞ୍ଚଳରେ ଭୋଜିଭାତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଶିକାରୀମାନେ ଶିକାର ଖୋଜିବାରେ ଲାଗି ପଡ଼ିଛନ୍ତି। ଭିତରକନିକାରେ ଏବେ ଦେଶୀବିଦେଶୀ ପକ୍ଷୀଙ୍କ ଭିଡ଼ ଲାଗିଛି। ସାଧାରଣରେ ଏହି ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ସମାହାର ଏଠାରେ ଦେଖିବାକୁ ମିଳିଥାଏ। ଭିତରକନିକା ଆଭ୍ୟନ୍ତର ଓ ବାହ୍ୟ ଅଞ୍ଚଳରେ ପକ୍ଷୀଙ୍କ ଶିକାର ଚାଲିଛି। ଏହାର ମାଂସ ନିକଟସ୍ଥ ବ୍ଲକ ଅଞ୍ଚଳ ସମେତ ପାରାଦୀପ, ଧାମରା, ଯାଜପୁରକୁ ଯାଉଛି। ଏହା ନୂଆ ନୁହେଁ। ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବାର୍‌ହା, ହରିଣଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କୁ ମାଂସ ପାଇଁ ଶିକାର ହେଉଛି। ଏଥିସହ ସାମୁଦ୍ରିକ ଜୀବଙ୍କୁ ଶିକାର କରାଯାଇ ଏହି ଦୁଇଦିନରେ ଶିକାରୀ ଭଲ ରୋଜଗାର କରୁଛନ୍ତି। ଦୋଳଗୋବିନ୍ଦ ଜେନା କହିଛନ୍ତି, ଯନ୍ତା ସହ କୁକୁରକୁ କେତେଜଣ ଶିକାରୀ ଶିକାର ସମୟରେ ବ୍ୟବହାର କରୁଛନ୍ତି। ସେହିପରି ବିରଳ ଅଲିଭ ରିଡ୍‌ଲେ କଇଁଛ ଶିକାର ଚାଲିଥିବା ବେଳେ ବନ ବିଭାଗ ପକ୍ଷରୁ ଅଦ୍ୟାବଧି କୌଣସି ମାମଲାରେ ଏହାକୁ ଦର୍ଶା ଯାଇନାହିଁ। ବଡ଼ଦିନ ଓ ନୂଆବର୍ଷ ପୂର୍ବରୁ ମାଂସ ପାଇଁ ଶିକାର ହେଉଛି। ଏ ସମ୍ପର୍କରେ ଏସିଏଫ୍ ମାନସ କୁମାର ଦାସଙ୍କୁ ପଚାରିବାରେ ଏ ନେଇ ବନ ବିଭାଗ ସତର୍କ ଅଛି। ବିଭିନ୍ନ ରେଞ୍ଜ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଆଲର୍ଟ କରାଯାଇଛି।

# ଭିଜିଲା ଧାନ, ଚାଷୀ ମୁଣ୍ଡରେ ଚଡ଼କ



ପାଣିରେ ବୁଡ଼ିରହିଥିବା ଧାନଗଛ।

ମାର୍ଶାଘାଇ, ୨୨।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଲଘୁଚାପଜନିତ ବର୍ଷା ପ୍ରଭାବରେ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଧାନ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ବ୍ଲକରେ ୮ ହଜାର ୯ ଶହ ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଇଥିଲା। ଅଳ୍ପ ଜମିରୁ ଧାନ କଟା ସରିଥିବାବେଳେ ଅଧିକାଂଶରୁ କଟା ଯାଇନାହିଁ। ୨ ଦିନ ଧରି ଲଘୁଚାପ ବର୍ଷା ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଚାଷୀ କାଟିଥିବା ଧାନ ବିଲରେ ପଡ଼ିରହି ବର୍ଷାରେ ଭିଜୁଛି। ଆବଶ୍ୟକ ପଲିଥିନ ଚାଷୀ ପାଖରେ ନ ଥିବାରୁ ତାହା ଘୋଡେଇ ହୋଇପାରିନାହିଁ। ବର୍ଷା ଯୋଗୁ ପାଚିଲା ଧାନ ସମ୍ପୂର୍ଣ୍ଣ ଶୋଇପଡ଼ିଛି। ଖାଲୁଆ ଜମିରେ ହୋଇଥିବା ଧାନ ଗଜା ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ତ୍ତମାନ ପାରମ୍ପରିକ ଧାନ ଚାଷ ଛାଡ଼ି ଅଧିକ ଅମଳ ଆଶାରେ ଚାଷୀମାନେ ବିଭିନ୍ନ କିସମର ହାଇବ୍ରିଡ଼ ଧାନ ଚାଷ କରୁଛନ୍ତି। ଏହାର ଚୋପା ବହୁତ ପତଳା ହୋଇଥିବାରୁ ୨୪ ଘଣ୍ଟାରେ ଗଜା ହେବାର ସମ୍ଭାବନା ରହିଛି ବୋଲି ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି। ଧାର କରଜ କରି ଚାଷ କରିଥିବା ଚାଷୀ ମୁହଁରୁ ହସ ବର୍ଷା ଛଡାଇ ନେଇଛି। ମାର୍ଶାଘାଇ କୃଷି ବିଭାଗ ପକ୍ଷରୁ ଦରବଛା, ଯୁଣ ଓ ହିନ୍ଦୁଳିଆ ପ୍ରଭୃତି ଗ୍ରାମରେ ସ୍ଥିତି ପରଖା ଯାଇଛି। ପରେ ଯୁଗ୍ମ ସର୍ଭେ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ଲକ ଯାଦବ ମହାସଭା ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ

ରାଜକନିକା,୨୨।୧୨ (ସଞ୍ଜୟ କୁମାର ଦାଶ)



ସମ୍ମାନିତ ହୋଇଥିବା ପ୍ରତିଭାଧାରୀମାନେ।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଯାଦବ ମହାସଭା ଓ ଶ୍ରୀମନ୍ତ କୁମାର ଦାସ ମେମୋରେବୁଲ୍ ଚାରିଟେବୁଲ ଆଣ୍ଡ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ସମାରୋହ ସ୍ଥାନୀୟ ରାଜକନିକା ବ୍ଲକ ଯାଦବ ଭବନ ଓଳାଭରଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯାଦବ ମହାସଭାର ସଭାପତି ପଞ୍ଚାନନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଦନ୍ତ ପରିଷଦର ସଭାପତି ତଥା କଟକ ବଡ଼ ମେଡିକାଲ କଲେଜର ଦନ୍ତ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡା. ଆଶିଷ କୁମାର ବାରିକ ଯୋଗଦେଇ ସମ୍ମାନିତ ପ୍ରତିଭାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ପୂର୍ବକ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ରମାଦେବୀ ବିଶ୍ୱବିଦ୍ୟାଳୟର ସିନିୟର ପ୍ରଫେସର ଡ. ମାନସ କୁମାର ବେହେରା ଯୋଗଦେଇ ପ୍ରଶାସନିକ ବିଧି ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ।

ସମ୍ମାନନୀୟ ଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଇତିହାସ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ପ୍ରଦୀପ କୁମାର ଦାସ, ଅବସରପ୍ରାପ୍ତ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ନାରାୟଣ ପ୍ରସାଦ ଦାସ, କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଭାର ଉପସଭାପତି ଶ୍ରୀନିବାସ ପ୍ରଧାନ, କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଭାର ଯୁଗ୍ମ ଉପସଭାପତି ସ୍ମୃତିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଓଡ଼ିଶା ପ୍ରଶାସନିକ ସେବା ୨୦୨୨ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ରାଜକନିକା ବ୍ଲକର ୪ଜଣ ପ୍ରତିଭା କୋରନ୍ଦ ଗାଁର ସିଦ୍ଧାର୍ଥ ଆନନ୍ଦ ପଣ୍ଡା, ହାବଳଗଣ୍ଡ ପଟଣା ଗାଁର ସୂର୍ଯ୍ୟକାନ୍ତ ପରିଡା, ନହୁଣୀ ଗାଁର ତୁଷାରକାନ୍ତ ଜେନା ଓ ବଳରାମପୁର ଗାଁର ସାରସ୍ୱତ ସାହୁଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ସମ୍ମାନପତ୍ର ପ୍ରଦାନ ପୂର୍ବକ ବ୍ଲକ ଯାଦବ ମହାସଭା ପକ୍ଷରୁ ଅମୂଲ୍ୟ ରତ୍ନ ଓ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅମୂଲ୍ୟ ନିଧି ଭଳି ଉପାଧିରେ ସମ୍ମାନିତ କରିଥିଲେ। ବ୍ଲକ ଯାଦବ ମହାସଭାର ସାଧାରଣ ସମ୍ପାଦକ ମନୋଜ କୁମାର ପରିଡା ସ୍ୱାଗତ ଭାଷଣ ସହ ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବ୍ଲକ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ରମାକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ଯାଦବ ମହାସଭାର ଉପସଭାପତି ମହେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧୀର ଚନ୍ଦ୍ର ପଲାଇ, କୋଷାଧ୍ୟକ୍ଷ ନିରଞ୍ଜନ ପରିଡା, ସୌଭାଗ୍ୟ ପ୍ରଧାନ, ଗଙ୍ଗାଧର ଦାସ, ସୁଶାନ୍ତ ଦାସ, ନରେନ୍ଦ୍ର ବେହେରା, ଅଭୟ ବାରିକ, ନୃସିଂହ ପରିଡ଼ା, ନିରଞ୍ଜନ ସାହୁ, ସନ୍ତୋଷ ଦାସ, ମହେଶ୍ୱର ପରିଡ଼ା, ନରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀମା'ଅରବିନ୍ଦଙ୍କ ବାର୍ଷିକ ପାଠଚକ୍ର ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୨୨।୧୨(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସଂସାରଫଳ ଗ୍ରାମରେ ଶ୍ରୀଅରବିନ୍ଦଙ୍କ ୩୦ତମ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମା' ଶ୍ରୀ ଅରବିନ୍ଦଙ୍କୁ ପୁଷ୍ପାର୍ପଣ ସହ ନୀରବ ଧ୍ୟାନ ଓ ଅର୍ଗାନ ମ୍ୟୁଜିକ ମଧ୍ୟମରେ ଧ୍ୟାନ, ପ୍ରାର୍ଥନା, ଦୁର୍ଗାସ୍ତୋତ୍ର ସହିତ ପୁସ୍ତକଚିନ୍ତନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ମାତୃବନ୍ଦନା ଗାନ କରାଯାଇ ସବିଶେଷ ବିବରଣୀ ପାଠ କରାଯାଇଥିଲା। ପାଠଚକ୍ରର ଆୟୋଜକ ପଞ୍ଚାନନ ସ୍ୱାଇଁ ଶ୍ରୀ ମାଆ,ଅରବିନ୍ଦଙ୍କ ପାଦ ପଦ୍ମରେ ଧୂପ ପୁଷ୍ପ ଅର୍ପଣ କରି ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଲେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ହେଉଛି ଏକମାତ୍ର ଯୋଗ, ଯାହା ମାନବର ରୂପାନ୍ତର ଓ ଦିବ୍ୟଜୀବନ ପ୍ରତିଷ୍ଠାର ଆସ୍ଥାରଖେ। ପୃଥିବୀରେ ପ୍ରତିଟି ଜୀବ ଦେହରେ ଆତ୍ମା ଅଛି। ଯାହାକୁ ଚିହ୍ନି କାର୍ଯ୍ୟ କଲେ ଜଗତର ମଙ୍ଗଳ ସାଧିତ ହୋଇପାରିବ । ପରେ ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ପାଠଚକ୍ରରେ ନଇଁ ଅପା, ପ୍ରୀତି ଅପା, ନଳିନୀ ଭାଇ, ନରେତ୍ତମ ଭାଇ ପ୍ରମୁଖ ଯୋଗଦେଇ ମୁଖ ନିସୃତ ମହାକାବ୍ୟ ସାବିତ୍ରୀ ନୀତିବାଣୀ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟରଞ୍ଜନ ଦାସ, ଅଞ୍ଜଳି ରାଉତ, ଆଶାଲତା ରାଉତ, ମଞ୍ଜୁଲତା ପରିଡ଼ା, ଅନୁସୂୟା ବିଶ୍ୱାଳ, ଗୌରୀ ରାଉତ, ଶାନ୍ତିଲତା ବିଶ୍ୱାଳ, ଜେମାଦେଇ ସ୍ୱାଇଁ, ମଧୁସ୍ମିତା ପାଢୀ ସମେତ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ରାଜନଗର ଓ ମହାକାଳପଡାରୁ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ବଳଦେବ ସେନାର ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୨୨।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥ ଯାତ୍ରୀ ଭବନଠାରେ ବଳଦେବ ସେନା ପକ୍ଷରୁ ରକ୍ତଦାନ ଶିବିର ରବିବାର ଆୟୋଜିତ ହୋଇଯାଇଛି। ଏହାକୁ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ଅଧକ୍ଷା ଶ୍ରୀମା ଦିବ୍ୟସ୍ୱରୂପାନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଶିବିରରେ ୮୧ ୟୁନିଟ ରକ୍ତ ସଂଗ୍ରହ ହୋଇ ଜିଲା ରକ୍ତ ଭଣ୍ଡାରକୁ ଦିଆଯାଇଛି। ଏ ସମ୍ପର୍କରେ ସେନା ସଭାପତି ପପୁନ କୁମାର ସ୍ୱାଇଁ କହିଛନ୍ତି, ବଳଦେବ ସେନା ସର୍ବଦା ସାମାଜିକ ଓ ଆଧାତ୍ମିକ କାର୍ଯ୍ୟକୁ ଗୁରୁତ୍ୱ ଦେଇଥାଏ। ଜିଲାରେ ମାସିକ ପ୍ରାୟ ୭୦୦ ୟୁନିଟ ରକ୍ତ ଆବଶ୍ୟକ ଥିବା ବେଳେ ରକ୍ତ ସଂଗ୍ରହ ହାର ବହୁତ କମ ରହିଛି। ଏ ସମ୍ପର୍କରେ ଜାଣିବା ପରେ ପ୍ରତିବର୍ଷ ସେନା ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଉଥିବା ସେ କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଟାଉନ ଥାନାଧିକାରୀ ଦୀଲିପ ସାହୁ, ନରହରି ଦାସ, ବଳଭଦ୍ର ପତ୍ରୀ, ନୃସିଂହ ତ୍ରିପାଠୀ, ଦାମୋଦର ରାଉତ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରକୁ ସେନାର କର୍ମକର୍ତ୍ତା ନିରଞ୍ଜନ ସୁଆର, ଅମର କୁମାର ବାରିକ, ନିରଞ୍ଜନ ମେକାପ, ଆଶୁତୋଷ ପଣ୍ଡା, ହିମାଂଶୁ ରାଉତ, ଜ୍ୟୋତି ରଞ୍ଜନ ପତ୍ରୀ, ଉମେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀମଦ୍ ବାୟାବାବାଙ୍କ ଜୟନ୍ତୀ

ରାଜନଗର,୨୨।୧୨(ଭାସ୍କର ରାଉତରାୟ)

ଶ୍ରୀମଦ ବାୟାବାବାଙ୍କ ଜନ୍ମମାଟି କେରେଡାଗଡ଼ଠାରେ ତାଙ୍କ ୧୨୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରୀ ଶ୍ରୀ କଳ୍ପତରୁ ସଚ୍ଚିଦାନନ୍ଦ ଟ୍ରଷ୍ଟ ସେବା ସଂଘ ଓ ଜନ୍ମପୀଠ ଶାଖାଠାରେ ଶ୍ରୀମଦ୍ ବାୟାବାବାଙ୍କ ଜୟନ୍ତୀ ପାଳିତ ହୋଇଥିଲା। ପ୍ରତ୍ୟୁଷରୁ ଶ୍ରୀମଦ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ପୁଷ୍ପରେ ସୁସଜ୍ଜିତ କରିବା ସହିତ ଧୂପ, ଦୀପ, ନୈବେଦ୍ୟ ଅର୍ପଣ୍ୟ କରାଯାଇଥିଲା। ଦିବା ୯ ଘଟିକାରେ ଶ୍ରୀପାଦ୍ ବାବାଙ୍କୁ ୧୦୮ କଳସ ଜଳରେ ମହାସ୍ନାନ କରାଯାଇଥିଲା। ଉକ୍ତ ଉତ୍ସବକୁ ଜନ୍ମମାଟି ଶାଖାର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ କପିଳ ଚନ୍ଦ୍ର ଦାସ, ନଟବର ରାଉତ, ପ୍ରଦୀପ ବିଶ୍ୱାଳ, ଅନନ୍ତ ରାଉତ, କୃଷ୍ଣଚନ୍ଦ୍ର ପ୍ରଧାନ, ବାବାଜୀ ସାହୁ, ମେଘଶ୍ୟାମ ସାହୁ, ଭରତ ଜେନା, ମନମୋହନ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ରାଜନଗର ବ୍ଲକ ମହିଷାସୁର ବାୟାବାବାଙ୍କ ସେବାଶ୍ରମ ଓ ଗୁଲୁଦିଆ ସେବାଶ୍ରମରେ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମହୋତ୍ସବ ଆଡମ୍ବର ସହକାରେ ପାଳନ କରାଯାଇଥିଲା। ଶୁକ୍ରବାର ଶ୍ରୀମଦ୍ ବାୟାବାବାଙ୍କ ବିଗ୍ରହକୁ ସୁସଜ୍ଜିତ ରଥରେ ସ୍ଥାପନ କରାଯାଇ ରାଜନଗର, ସାନବଡଗୋପାଳପୁର, ମହିଁଷାସୁର, ଗୁଲୁଦିଆ, ଚଣ୍ଡିଆପାଲ୍ଲୀ ଗାଁ ପରିକ୍ରମା କରାଯିବା ପରେ ଗୁଲୁଦିଆ ଓ ଚଣ୍ଡିଆପାଲ୍ଲୀ ମଧ୍ୟସ୍ଥଳୀ ମା'ପାଉଁକୁମାରୀ ଠାକୁରାଣୀ ପୀଠ ନିକଟରେ ସ୍ଥାପନ କରାଯାଇଥିଲା। ଶନିବାର ବାବାଙ୍କ ମହାଭିଷେକ, ଗୋପାଳ ସହସ୍ରନାମ ପାରାୟଣ ସହିତ, ଶ୍ରୀ ଶାସ୍ତ୍ର ପାରାୟଣ, ନାମଯଜ୍ଞ ସମାପନ ଓ ନଗର କୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଘର ସଭାପତି ଶତ୍ରୁଘନ ନାୟକ, ସମ୍ପାଦକ ସନାତନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ବର୍ଷା ଚାଷୀଙ୍କ ଆହାରକୁ ଛଡ଼ାଇ ନେଲା



ଜଣେ ଚାଷୀ ଓଦା ହୋଇଥିବା ଧାନ ଗଛକୁ ଶୁଖାଇବାକୁ ନେଉଛନ୍ତି।

ଡେରାବିଶ, ୨୨।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ଶୁକ୍ରବାର ଓ ଶନିବାର ଲଗାଣ ବର୍ଷା ଚାଷୀଙ୍କ ଦାନା ଛଡ଼ାଇ ନେଇଛି। ବିଲରେ ଅମଳ ହେବାକୁ ପାଚିଲା ଧାନ ଖଳାକୁ ଆଣିବା ପୂର୍ବରୁ ବର୍ଷାପାଣିରେ ଭିଜି ନଷ୍ଟ ହେବାକୁ ବସିଛି। ବାତ୍ୟା ଦାନାରେ ଭୟଭୀତ ଥିବା ଚାଷୀ ଅମଳ ସମୟରେ ଏପରି ଅଦିନିଆ ବର୍ଷା ହେବ କେହି ଚିନ୍ତା ମଧ୍ୟ କରି ନ ଥିଲେ। ବିଲରେ କଟା ହୋଇ ପଡିଥିବା ଧାନ ଗଛ ଏବେ ପାଣିରେ ଭାସୁଛି। ପାଣିପାଗ ସୁଚନାରୁ ଖବର ପାଇ କିପରି ବର୍ଷାରୁ ଅମଳକ୍ଷମ ଧାନ ରକ୍ଷା କରିବେ ବର୍ଷାରେ ତିନ୍ତି ଧାନଗୁଡିକ ଗଦା କରିଥିଲେ। ତେବେ ବର୍ଷାଦାଉରୁ ଅମଳକ୍ଷମ ଧାନ ମଧ୍ୟ ବାଦ ପଡ଼ିନାହିଁ। ଯାହାକୁ ନେଇ ଚାଷୀ ଚିନ୍ତାରେ ଦିନ କାଟୁଛନ୍ତି। ଏ ସମ୍ପର୍କରେ ଚାଷୀ କୃତ୍ତିବାସ ଦାସ, ସାହାଜାନ ଖାଁ, ପ୍ରଭାତ ଭୂୟାଁ କହିଛନ୍ତି, ଆମ ଅଞ୍ଚଳର ମୁଖ୍ୟ ଫସଲ ହେଉଛି ଧାନ। ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିଲା। ଅମଳକ୍ଷମ ଧାନକୁ ମଣ୍ଡିରେ ଦେଇ ଋଣ ପରିଶୋଧ କରିଥାନ୍ତୁ। ବର୍ତ୍ତମାନ ଏଭଳି ଫସଲ ନଷ୍ଟ ପାଇଁ କିପରି ଋଣ ପରିଶୋଧ କରିବୁ କୌଣସି ବୁଦ୍ଧି ଦେଖାଯାଉନାହିଁ। କ୍ଷତି ହୋଇଥିବା ଫସଲ ପାଇଁ ସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷତିପୂରଣ ଦେବାପାଇଁ ସେମାନେ ଜିଲା ପ୍ରଶାସନ ନିକଟରେ ଗୁହାରୀ କରିଛନ୍ତି।

# ସାପ କାମୁଡ଼ାରେ ଜଣେ ମୃତ

କୁଜଙ୍ଗ,୨୨।୧୨(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ଫତେପୁର ଗ୍ରାମର ଶଙ୍କର ପ୍ରଧାନ(୬୪) ରବିବାର ପୂର୍ବାହ୍ନ ୧୧ଟାରେ ବାଡ଼ିରେ ଘାସ କାଟୁଥିବାବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକ ଚିକିତ୍ସା ନିମନ୍ତେ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଶଙ୍କରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଶଙ୍କରଙ୍କ ବାଡ଼ିରେ ବହୁଦିନ ହେବ ଏକ କାଠ ପଡ଼ିଥିଲା। ସେ କାଠ ତଳେ ଏକ ସାପ ଥିଲା। ଏହା ତାଙ୍କ ନଜରକୁ ଆସି ନ ଥିଲା। ସେ ସେଠାରୁ ଘାସ କାଟିବା ମାତ୍ରେ ସାପଟି କାମୁଡ଼ି ଦେଇଥିଲା।

# ସୁରକ୍ଷାକୁ ସଂସ୍କୃତି ଭଳି ମାନିଲେ କାର୍ଯ୍ୟଦକ୍ଷତା ବଢ଼ିବ

ପାରାଦୀପ,୨୨।୧୨(ଶରତ ରାଉତ)

## ସଡ଼କ ସୁରକ୍ଷା,ରାସାୟନିକ ପଦାର୍ଥ ପରିଚାଳନା ସମ୍ପର୍କିତ କର୍ମଶାଳା

ପାରାଦୀପ ବନ୍ଦରର ନିଷିଦ୍ଧାଞ୍ଚଳ ମଧ୍ୟରେ ଶନିବାର ଡକ୍ ସୁରକ୍ଷା ଉପରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଓ ଶ୍ରମ ରୋଜଗାର ମନ୍ତ୍ରଣାଳୟ ଡାଇରେକ୍ଟୋରେଟ ଜେନେରାଲ ଫ୍ୟାକ୍ଟ୍ରି ଉପଦେଷ୍ଟା ଶ୍ରମ ପ୍ରତିଷ୍ଠାନ (ଡିଜିଏଫ୍‌ଏଏସ୍‌ଏଲଆଇ)ର ମିଳିତ ଉଦ୍ୟମରେ ଏହା ଆୟୋଜନ କରାଯାଇଥିଲା। ପିପିଏ ପକ୍ଷରୁ ଏହି କର୍ମଶାଳାରେ ଡକ୍ ସୁରକ୍ଷା ଓ ବିପଦଜ୍ଜନକ ରାସାୟନିକ ପଦାର୍ଥର ପରିଚାଳନା ଉପରେ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ଯୋଗଦେଇ ବୈଷୟିକ ସୁରକ୍ଷା ଓ ସହଯୋଗ ଉପରେ ଆଲୋଚନା କରିଥିଲେ। ତାଙ୍କ ବକ୍ତବ୍ୟରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୁରକ୍ଷା ପରାମର୍ଶ କଥା ଉଲ୍ଲେଖ କରିଥିଲେ। ସୁରକ୍ଷାକୁ ସଂସ୍କୃତି ଭଳି ମାନିଲେ କାର୍ଯ୍ୟଦକ୍ଷତା ବଢ଼ିବ। ଜାତୀୟ ଓ ଅନ୍ତର୍ଜାତୀୟ ନିୟାମକ ଅନୁସାରେ ଆମକୁ ଡକ୍ ସୁରକ୍ଷା କରିବାକୁ ହେବ ବୋଲି ସେ କହିଥିଲେ। ଡକ୍ ସୁରକ୍ଷା ଠିକ୍ ରହିଲେ କର୍ମଚାରୀଙ୍କ ପାଇଁ ନିରାପଦ କାର୍ଯ୍ୟ ଅବସ୍ଥା ସୁନିଶ୍ଚିତ କରିବ। ଏହାଦ୍ୱାରା ଭାରତର ବାଣିଜ୍ୟିକ ଇକୋ ସିଷ୍ଟମ ସମର୍ଥକ ହେବ। ଏଥିରେ ଡିଜିଏଫ୍‌ଏଏସଏଲଆଇର ବୈଷୟିକ କର୍ମଚାରୀମାନେ ବୈଷୟିକ ସୁରକ୍ଷା ଉପରେ ବ୍ୟବହାରକାରୀ ସଂସ୍ଥାର କର୍ମଚାରୀମାନଙ୍କୁ ବୁଝାଇଥିଲେ। ଶେଷରେ ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ଧନ୍ୟବାଦ ଦେଇଥିଲେ।

# ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ଅଧିବେଶନ

ରାହାମା,୨୨।୧୨(ଶ୍ରୀକାନ୍ତ ଦାସ )



ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜ୍ଦୁର ମହାସଂଘର ୫୨ତମ ବାର୍ଷିକ ଅଧିବେଶନ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ରାହାମା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମହାସଂଘ ସଭାପତି ମନୋରଞ୍ଜନ ପାତ୍ର ସଭାପତିତ୍ୱ କରିଥିଲେ। ମହାସଂଘର ସମ୍ପାଦକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାସଂଘର ଉପସାଧାରଣ ସମ୍ପାଦକ ଅରୁଣ ଦେଓଙ୍ଗନ, ସଙ୍ଗଠନ ସମ୍ପାଦକ ଅଶୋକ ଲେଙ୍କା, ଲକ୍ଷ୍ମଣ ଦାସ, ସତ୍ୟବ୍ରତ ପରିଡ଼ା, ରଞ୍ଜନ କୁମାର ଦାସ, ଗଗନ ଚନ୍ଦ୍ର ଲେଙ୍କା, କପିଳେଶ୍ୱର ମହାପାତ୍ର, ରାଜୀବ ଲୋଚନ ମହାପାତ୍ର, ଆଶିଷ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ୨୩ ତାରିଖରେ ବିଦ୍ୟୁତ୍ କର୍ମଚାରୀମାନେ ବିଭିନ୍ନ ସମସ୍ୟା ନେଇ ଦିନିକିଆ ଧାରଣା ଦେବାକୁ ଅଧିବେଶନରେ ନିଷ୍ପତ୍ତି ହୋଇଥିଲା।

# ମା' ରାମଚଣ୍ଡୀ ମନ୍ଦିରର ଉନ୍ନତି ଦାବି

- କେନ୍ଦ୍ରମନ୍ତ୍ରୀ, ରାଜ୍ୟ ଆଇନ ମନ୍ତ୍ରୀଙ୍କୁ ଭେଟିଲେ ସେନା ସଦସ୍ୟ
- ମା' ଦରିଆରାଣୀ ବାର୍ଷିକ ପତ୍ରିକା ମନ୍ତ୍ରୀଙ୍କୁ ପ୍ରଦାନ

ମହାକାଳପଡ଼ା, ୨୨।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଜୟଦେବ ଭବନଠାରେ ଦୁଇମନ୍ତ୍ରୀଙ୍କୁ ସେନା ସଦସ୍ୟ ଭେଟି 'ଦରିଆରାଣୀ' ପତ୍ରିକା ପ୍ରଦାନ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପ୍ରସିଦ୍ଧ ଶକ୍ତିପୀଠ ଦରିଆପାରି ମା' ରାମଚଣ୍ଡୀ ମନ୍ଦିରର ଉନ୍ନତି ପାଇଁ ରାମଚଣ୍ଡୀ ଆଞ୍ଚଳିକ ସେନା ସଦସ୍ୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଜୟଦେବ ଭବନଠାରେ ରବିବାର ଭେଟିଛନ୍ତି। ଏହି ଅବସରରେ ମା' ରାମଚଣ୍ଡୀଙ୍କ କିମ୍ବଦନ୍ତୀ ଓ ଅଲୌକିକ ମହିମା ଉପରେ ଆଧାରିତ ବାର୍ଷିକ ପତ୍ରିକା ଦରିଆରାଣୀକୁ ଦୁଇମନ୍ତ୍ରୀଙ୍କୁ ସେନାର ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ ପ୍ରଦାନ କରିଛନ୍ତି।

୧୭୩୭ରେ କୁଜଙ୍ଗ ଗଡ଼ର ଷଣ୍ଢ ବଂଶୀୟ ରାଜାଙ୍କ ଦ୍ୱାରା ମା' ରାମଚଣ୍ଡୀଙ୍କୁ ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ମା'ଙ୍କ ଦୈନନ୍ଦିନ ନୀତିକାନ୍ତି ପାଇଁ ରାଜା ୨୨୦ ଏକର ଜମି ଦାନ କରିଥିଲେ। ସେବାୟତ, ପୂଜାପଣ୍ଡା, ହୁରିଆ କୀର୍ତ୍ତନିଆ, ବାରିକ, ପାଟ ଛତା ସେବକ, ବାଦ୍ୟ ସେବକ, ପୁଷ୍ପାଳକ ସେବକ ଆଦି ଅନ୍ୟାନ୍ୟ ପାଟକମାନଙ୍କୁ ନିୟୋଜିତ କରିଥିଲେ। ଯେପରି ମା'ଙ୍କ ନୀତି ନିର୍ଘଣ୍ଟରେ ଯେପରି ବ୍ୟାଘାତ ସୃଷ୍ଟି ନ ହୁଏ ସେଥିପାଇଁ ସେବକମାନଙ୍କୁ ନିୟୋଜିତ କରାଯାଇଥିଲା। କିନ୍ତୁ ଆଜିକା ଦିନରେ ମା'ଙ୍କ ମନ୍ଦିର ସେଭଳି କିଛି ଉନ୍ନତି ହୋଇନାହିଁ। ୨୦୧୪ରେ ମା'ଙ୍କ ମନ୍ଦିରରୁ ସୁନାଗହଣା ଅଳଙ୍କାର ଚୋରି ହେବା ଘଟଣା ହେଉ ଅବା ଦାନବାକ୍ସରୁ ଦାନ ଅର୍ଥ ଲୁଟିବା ହେଉ ଓ ମା'ଙ୍କ ଭୂସମ୍ପତ୍ତି ପ୍ରଭାବଶାଳୀ ବ୍ୟକ୍ତିମାନେ ନିଜ ନାମରେ ରେକର୍ଡ କରିବା ଘଟଣାକୁ ଦୁଇମନ୍ତ୍ରୀଙ୍କ ଆଗରେ ସେନା ସଦସ୍ୟ ବଖାଣି ଥିଲେ। ଦୁଇ ମନ୍ତ୍ରୀ ମା'ଙ୍କ କିମ୍ବଦନ୍ତୀ ଓ କାହାଣୀ ଶୁଣି ଚକିତ ହୋଇଥିଲେ। ମା'ଙ୍କ ଭୂସମ୍ପତ୍ତି ଅନ୍ୟ ନାମରେ ରେକର୍ଡ କରିବା ଘଟଣା ଶୁଣି ଖୁବ୍ ଦୁଃଖପ୍ରକାଶ କରିଥିଲେ। ଅପରପକ୍ଷରେ ମା'ଙ୍କ ବିଜେସ୍ଥଳୀର ସୌନ୍ଦର୍ଯ୍ୟକରଣ ଓ ନୂତନ ମନ୍ଦିର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୩ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଦାୟିତ୍ୱ ନେଇଥିଲେ ମଧ ଅଦ୍ୟାବଧି ପାଚେରି କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ଖୁବ୍‌ଶୀଘ୍ର ମା'ଙ୍କ ନୂତନ ପରିଚାଳନା ବୋର୍ଡ ଗଠନ ଓ ମନ୍ଦିରର ଉନ୍ନତି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ମନ୍ତ୍ରୀ ଦ୍ୱୟ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଓ ଆଇନ ମନ୍ତ୍ରୀ ହରିଚନ୍ଦନ ମା'ଙ୍କ ମନ୍ଦିର ପରିଦର୍ଶନ କରିବେ ବୋଲି ସମ୍ପ୍ରତି ପ୍ରକାଶ କରିଥିବା ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି। ସେନା ସଦସ୍ୟମାନଙ୍କ ମଧ୍ୟରେ କଳ୍ପତରୁ ସାମଲ, ନାରାୟଣ ଦାସ, ଶ୍ରୀମନ୍ତ ଦାସ, ଅଶୋକ ସ୍ୱାଇଁ ଓ ସମରେନ୍ଦ୍ର ମାହଳି ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ପାଣିରେ ପଡ଼ିଛି

## ଅଦିନିଆ ବର୍ଷା ଧୋଇ ନେଲା ବର୍ଷକର ଦାନା

ପଟ୍ଟାମୁଣ୍ଡାଇ ୨୨।୧୨ (କଳ୍ପତରୁ ନାୟକ)


ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ଚାଷୀ ଜମିରେ କାଟି ପକାଇଥିବା ଓଦା ଧାନକୁ ଦେଖାଉଛନ୍ତି।

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଲଘୁଚାପଜନିତ ବର୍ଷା ଫଳରେ ବ୍ୟାପକ ମାତ୍ରାରେ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ଦୁଇଦିନ ଧରି ଲାଗି ରହିଥିବା ଲଘୁଚାପ ବର୍ଷାପାଣିରେ ପାଚିଲା ଧାନ ଲୋଟି ରହିଛି। ଯଦିଓ ବର୍ଷା ହ୍ରାସ ପାଇଛି ତେବେ ବିଲରେ ପାଣି ଛିଡ଼ା ହୋଇଛି। ପାଣି ଖଲାସ କରିବାକୁ ନେଇ ଚାଷୀ ନାକେଦମ ହେଲେଣି। କ୍ଷେତରୁ ପାଣି ଶୀଘ୍ର ନ ଛାଡ଼ିଲେ ଧାନ ଗଜା ହୋଇଯିବା ଆଶଙ୍କା ଦେଖାଦେଇଛି ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି।

ଚାଷୀ ସୁରେନ୍ଦ୍ର ପରିଡ଼ା କହିଛନ୍ତି, ଶୁକ୍ରବାର, ଶନିବାର ବର୍ଷା ଫଳରେ ସେ ଚାଷ କରିଥିବା ୭ ଏକର ଜମି ଜଳମଗ୍ନ ହୋଇଛି। ଅମଳ ସମୟରେ ଅଦିନିଆ ବର୍ଷା ତାଙ୍କର ବର୍ଷକର ଆହାର ଉପରେ ପାହାର ପକାଇଛି। ଯଦିଓ ବର୍ଷା କମିଛି ତେବେ ଧାନ ବିଲରୁ ପାଣି ଶୁଖିବା ପାଇଁ ୮ ଦିନ ଲାଗିବ। ଏହା ମଧ୍ୟରେ ପଡ଼ି ଯାଇଥିବା ପାଚିଲା ଧାନ ଗଜା ହୋଇଯିବାର ସମ୍ଭାବନା ରହିଛି। ଯେଉଁ ଧାନ ଗଜା ହେବନି ସେଗୁଡିକ କଳା ଫିମ୍ପି ମାରିଯିବ। ଫଳରେ ସେ ଧାନକୁ ମଣ୍ଡିରେ ମିଲର ନେବେନାହିଁ। ବର୍ଷ ଯାକର ଆହାର ଏହି ଅଦିନିଆ ବର୍ଷା ଛଡ଼ାଇ ନେଲା। ଋଣ ଆଣି ଚାଷ କରିଥିଲୁ, ଏବେ ଫସଲ ନଷ୍ଟ ଚିନ୍ତା ଘାରିଛି। ଧୋୟାଞ୍ଚଳ ଚାଷୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମୋଟ ଧାନ ଜମି ମଧ୍ୟରୁ ୮୦ ପ୍ରତିଶତ ଖରିଫ ଋତୁରେ ଚାଷ କରାଯାଇଥାଏ। ତେବେ ବର୍ଷା ଯୋଗୁ ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ବିଲରେ ପାଚିଲା ଧାନ ପଡ଼ି ରହିବା ସହ ପାଣିରେ ବୁଡି ରହିଛି। ବର୍ଷା ଯୋଗୁ ଧାନ ସହ ରବି ଫସଲ ବିରି, ମୁଗ, ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। କୃଷକ ନେତା ବିଜୟ ଦାସ କହିଛନ୍ତି, ବର୍ଷାର ପ୍ରଭାବରେ ବର୍ଷକର ଅମଳ ଆଖି ଆଗରେ ନଷ୍ଟ ହେବାକୁ ବସିଥିବା ବେଳେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏକର ଏକର ଚାଷ ଜମିରେ ବର୍ଷାପାଣି ଜମି ରହିଛି। କଟା ହୋଇଥିବା ଧାନ ଗଜା ହେବାକୁ ବସିଲାଣି। ଯେଉଁ ସବୁ କ୍ଷେତରେ ଧାନ କଟାଯାଇନାହିଁ ତାହା ଏବେ କାଟିବା ସମ୍ଭବ ହେଉନାହିଁ। ଏବେ ଏମିତି ପରିସ୍ଥିତି ଭିତରେ ଅନେକ କ୍ଷତି ଚାଷୀଙ୍କୁ ସହିବାକୁ ପଡ଼ିବ। ସୁବର୍ଣ୍ଣପୁର ଚାଷୀ କୁଞ୍ଜବିହାରୀ ନାୟକ କହିଛନ୍ତି, ୧୮ ଏକର ଜମିରେ ଲୋନ କରି ଧାନ ଚାଷ କରିଥିଲି। ସବୁ କ୍ଷତି ହୋଇଗଲା। ସରକାର ଯଦି କିଛି ସାହାଯ୍ୟ କରିବେ ତାହା ହେଲେ ଉପକୃତ ହେବି। ନ ହେଲେ ଭାସିଯିବି। ଧାନ ବିକି କରଜ ଶୁଝିଥାନ୍ତି। ଅକ୍ଟୋବରରେ ସାମୁଦ୍ରିକ ବାତ୍ୟା ଦାନା ବର୍ଷାରେ ଫସଲ କିଛି ମାତ୍ରାରେ ପ୍ରଭାବିତ ହୋଇଥିଲା। ଯାହା ବି କିଛି ବଞ୍ଚି ରହିଥିଲା ତାହାକୁ ସାଇତି ରଖିବା ଲାଗି ଚେଷ୍ଟା କରିବାବେଳେ ଅଦିନିଆ ବର୍ଷା ସବୁ କିଛି ଖାଇଦେଲା। ପାଚିଲା ଧାନ ଅମଳ କରିବାକୁ ସମୟ ମିଳିଲାନି। ଏବେ ଋଣ କିଭଳି ଶୁଝିବି ଜାଣିପାରୁନି। କେତେଜଣ ଚାଷୀ ପ୍ରଶାସନର ଅପାରଗତାକୁ ଦୋଷ ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି , ଲଘୁଚାପ ବର୍ଷାର ଦୁଇଦିନ ଆଗରୁ ଆମକୁ କ୍ଷେତରୁ ଧାନ ନେଇ ଆସିବାକୁ କୁହାଗଲା। ଆମେ କ'ଣ ମେଶିନ ଯେ ୪୮ ଘଣ୍ଟାରେ ଜମିର ଧାନ କାଟି ଦେବୁ। ଯେଉଁମାନେ ଅଧେ କି ଗୋଟେ ଏକର ଜମିରେ ଚାଷ କରିଥିଲେ ସେମାନେ ସିନା ଧାନ କାଟି ନେଇଗଲେ। ବଡ଼ଚାଷୀ କେମିତି ଧାନ କାଟିଥାନ୍ତେ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ବର୍ଷା ହେବା ନେଇ ଯଦି କିଛିଦିନ ପୂର୍ବରୁ ସୂଚନା ଦିଆଯାଇଥାନ୍ତା ତେବେ ଆମେ ଫସଲ ଅମଳ କରିପାରିଥାନ୍ତୁ। ସତର୍କ ପାଇଁ ଘୋଷଣା କରିଦେଲେ କିଛି ହେବନି। ଫସଲ କିଭଳି ଜମିରୁ ଅମଳ ହୋଇ ଘରକୁ ଆସିବ ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ଥିଲା। ମାତ୍ର ଏବେ ଚାଷୀଙ୍କ ସର୍ବସ୍ୱ ଅଦିନିଆ ବର୍ଷାରେ ଚାଲିଗଲା। ସବୁଠୁ ଅଧିକ ଚିନ୍ତାରେ ପଡ଼ିଛନ୍ତି ଋଣ ଆଣିଥିବା ଚାଷୀ। ୪ରୁ ୫ ଏକର ଜମିରେ ଚାଷ କରିବା ଲାଗି ସମବାୟ ବ୍ୟାଙ୍କ ଓ ସାଉକାର ପାଖରୁ ଋଣ ଆଣିଥିଲେ। ଏବେ ତାକୁ କିଭଳି ଶୁଝିବେ ସେଇ ଚିନ୍ତାରେ ଚାଷୀ ପଡ଼ିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରିୟଦର୍ଶିନୀ


@ ପ୍ରସିମ୍


@ କାଳୀଚରଣ


@ ଦେବପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରାହ୍ମଣୀ ନଦୀର ଛୋଟବଡ଼ ନଦୀନାଳ ବିଲୁପ୍ତପ୍ରାୟ

ଯାଜପୁର,୨୨।୧୨
(ହର୍ଷବର୍ଦ୍ଧନ ବେହେରା)


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଯାଜପୁର ଜିଲାର ମଧ୍ୟ ଭାଗରେ ପ୍ରବାହିତ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ବାହାରିଥିବା ଛୋଟବଡ଼ ନଦୀ, ନାଳ ଏବେ ବିଲୁପ୍ତ ପ୍ରାୟ। କାଣୀ, ଚନ୍ଦ୍ରିନାଳ, କଟାନାଗ ମୁଣ୍ଡ ନାଳୀ, ରୁକୁରା, ବାରହା, ବଡେଯାର, କାଉଁଶୀ ନଳା, କଳା ନଳା, ଉସଳୀ ନଳା, ବୁଢ଼ାଖାଇ ନଳା, ଗୋହିରା, ଚିଲାଣ୍ଟି, ଜିକିରା, ସିଙ୍ଗଡ଼ା ଯୋଡ଼, ବଙ୍ଗାରୁ, ନନ୍ଦିରନଳା, ନିଗରା, ବାଙ୍ଗୁସିଙ୍ଗ ନଳା, ତଉଁରୀ, କୁମାରିଆ, କେଲୁଅ, ବିରୂପା, ହଂସୁଆ, ପତଶୀଳ, କୋଏଲ, ଚମ୍ପାଲି ଯୋର, କୁରାଡ଼ିହ, ଅମୃତିହ, କୋରାପାଣି, ମାଙ୍କଡ଼ା, ଅସାରୀ, ସାମକୋଇ, ଗମ୍ଭାରିଆ, ରାଇଯୋର, ଇନ୍ଦ୍ରଜିତ, ରାମିଆଳ, ପାଣ୍ଡରା, ଦଉଦି ଇତ୍ୟାଦି ନାଳଗୁଡ଼ିକ ଅସ୍ତିତ୍ୱ ହରାଉଥିବାରୁ ବରିଷ୍ଠ ଲେଖକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର କ୍ଷୋଭ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ସହ ଯୋଡ଼ିହୋଇ ରହିଛି କେତେକ ନଦୀନାଳର ଜୀବନ ନାଡ଼ିକୋ। ଯଦି ମୁଖ୍ୟ ନଦୀ ନ ବଞ୍ଚେ ତେବେ ଏଗୁଡ଼ିକ ସ୍ୱତଃ ଲୀନ ହୋଇଯିବ। ଯେଉଁ ନଦୀଗୁଡ଼ିକୁ ବଞ୍ଚାଇବା ପାଇଁ ସଂଗ୍ରାମ କରାଯାଉଛି, ସେଗୁଡ଼ିକ ଉପରେ କୌଣସି ବନ୍ଧ ନିର୍ମାଣ ହେଉନାହିଁ। ମାତ୍ର ସେଗୁଡ଼ିକର ଜଳସ୍ରୋତ କମି କମି ଯାଇ ସମ୍ପ୍ରତି ଜୈବବିବିଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଖରସ୍ରୋତା ନଦୀର ଜଳସ୍ରୋତ ହ୍ରାସ ପାଇ ତା'ର ଅସ୍ତିତ୍ୱ ହରାଏ ତେବେ ଭିତରକନିକାର ଜୈବମଣ୍ଡଳ ନଷ୍ଟ ହୋଇଯିବ। ସମୁଦ୍ରକୁ ଅକାରଣେ ଚାଲି ଯାଉଥିବା ମଧୁର ଜଳରାଶିକୁ ବ୍ୟାରେଜ କରି ଅଟକାଇ ନଦୀକୁ ସୁନାବ୍ୟା କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଭଳି ଏକ ଜୀବନ୍ତ ଓ ବାସ୍ତବ ଘଟଣାବଳୀକୁ ନେଇ ଲେଖକ ଧଳମହାପାତ୍ର 'ନଦୀ ନିରବଧି ଖରସ୍ରୋତା' ନାମକ ଏକ ଉପନ୍ୟାସ ରଚନା କରିଛନ୍ତି। ଏହି ଉପନ୍ୟାସ ପୁସ୍ତକ ମେଳାରେ ସଦ୍ୟ ଉନ୍ମୋଚିତ ହୋଇଛି। ଏହିକ୍ରମରେ ଆୟୋଜିତ ଏକ ଆଲୋଚନାଚକ୍ରରେ ପଦ୍ମାକର ଗୁରୁ ଅଧ୍ୟକ୍ଷତା କରିଥିବାବେଳେ ଶଙ୍କର୍ଷଣ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ନଦୀନାଳ ଜୀବନଜୀବିକାର ପ୍ରମୁଖ ମାଧ୍ୟମ ବୋଲି କହିଛନ୍ତି। ଏ ସମ୍ପର୍କରେ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା କହିଛନ୍ତି ଖରସ୍ରୋତା ବଞ୍ଚାଅ ଆନ୍ଦୋଳନ ଉପରେ ଲେଖକ ଦୃଷ୍ଟି ନିବଦ୍ଧ କରି ଯାହା ଅବତାରଣା କରିଛନ୍ତି, ତାହା ହୃଦୟସ୍ପର୍ଶୀ ହୋଇ ନଦୀ ବଞ୍ଚାଅ ଆନ୍ଦୋଳନକୁ ପ୍ରେରଣା ଯୋଗାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀନାଥ ଦାଶ ଖରସ୍ରୋତା ନଦୀର ଇତିହାସ ଉପରେ ଆଲୋକପାତ କରିଛନ୍ତି।

# ତଦନ୍ତ ପୂର୍ବରୁ ନିଯୁକ୍ତ ଅଙ୍ଗନୱାଡି କର୍ମୀଙ୍କ ଇସ୍ତଫା

### ଜାଲ୍ ସାର୍ଟିଫିକେଟରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପ୍ରସଙ୍ଗ

ରାଜକନିକା,୨୨।୧୨(ସଞ୍ଜୟ କୁମାର ଦାଶ)

ଜାଲ୍ ସାର୍ଟିଫିକେଟ ବଳରେ ଅଙ୍ଗନୱାଡି କର୍ମୀ ପଦବୀରେ ଚାକିରି ହାତେଇଥିବା ଆବେଦନକାରୀଙ୍କୁ ଶେଷରେ ମହଙ୍ଗା ପଡ଼ିଛି। ତଦନ୍ତ ଅବ୍ୟବହିତ ପୂର୍ବରୁ ପଦବୀରୁ ନିଜେ ଇସ୍ତଫା ଦେଇଥିବା ଜଣାପଡ଼ିଛି।

ରାଜକନିକା ବ୍ଲକ ବାଘବୁଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗତ ସୋମବାର ମିଳିତ ଜନଶୁଣାଣି ଶିବିରରେ ଓଳାଭର ପଞ୍ଚାୟତ ଦେଉଳସାହି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସ୍ମିତାରାଣୀ ପରିଡା ଜାଲ ସାର୍ଟିଫିକେଟ ବଳରେ ନିଯୁକ୍ତି ପାଇଥିବା ଅଭିଯୋଗ ଅନ୍ୟଜଣେ ଆବେଦନକାରୀ ସ୍ମୃତିରେଖା ସାମଲ କରିଥିଲେ। ଯାହା ୧୮ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ତେବେ ସ୍ମୃତିରେଖାଙ୍କ ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡି କର୍ମୀ ପଦବୀ ନିମିତ୍ତ ୧୧ଜଣ ପ୍ରାର୍ଥିନୀ ଆବେଦନ କରିଥିଲେ। ସେଥିମଧ୍ୟରୁ ସ୍ମୃତିରେଖାଙ୍କ ସର୍ବାଧିକ ନମ୍ବର ଥିଲା। ହେଲେ ତାଙ୍କୁ ଖାଲିଥିବା ପଦବୀରେ ଚାକିରି ମିଳି ନ ଥିଲା। ଏମିତିକି ନିଯୁକ୍ତି ପାଇଥିବା ସ୍ମିତାରାଣୀଙ୍କ ପ୍ରକୃତରେ ଯୁକ୍ତ ୨ର ମାର୍କ ୨୫୪ ନମ୍ବର ଥିବାବେଳେ, ଦାଖଲ କରାଯାଇଥିବା ମାର୍କ ହେଉଛି ୪୬୯ ନମ୍ବର, ଯାହାକି ଦୁଇଟି ମାର୍କ ମଧ୍ୟରେ ତାଳମେଳ ନ ଥିଲା। ତେବେ ସ୍ମିତାରାଣୀଙ୍କୁ ବେଆଇନ ଭାବେ ନିଯୁକ୍ତି ମିଳିଥିଲା। ଯାହାକି ସମ୍ପୂର୍ଣ୍ଣ ବେଆଇନ୍ ସଙ୍ଗତ ଥିଲା। ଏହାକୁ ନେଇ ତଦନ୍ତ କରି ଖାଲିଥିବା ପଦବୀରେ ଯୋଗ୍ୟ ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦେବାକୁ ସ୍ମୃତିରେଖା ଦାବି ରଖିଥିଲେ। ତେବେ ଜିଲାପାଳ ଏପରି ପ୍ରସଙ୍ଗରେ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ତଦନ୍ତ ପ୍ରକ୍ରିୟା ଆରମ୍ଭ ମାତ୍ରେ ସ୍ମିତାରାଣୀ ପାରିବାରିକ ସମସ୍ୟା ଦେଖାଇ ପଦବୀରୁ ଇସ୍ତଫା ଦେଇଥିବା ନେଇ ରାଜକନିକା ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ଅଧିକାରିଣୀ ରଞ୍ଜୁଲତା ଦାସ ସୂଚନା ଦେଇଛନ୍ତି।

# ନବବଧୂ ହତ୍ୟା ଅଭିଯୋଗ: ସ୍ୱାମୀ ଅଟକ

### ପୋଲିସ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ

ରାଜକନିକା,୨୨।୧୨
(ସଞ୍ଜୟ କୁମାର ଦାଶ):


ସୋନାଲୀ ବେହେରା

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ସାତଘରିଆ(ଓଳାଭର) ଗାଁର ଜଣେ ନବବଧୂଙ୍କୁ ଯୌତୁକ ଲାଗି ଶାଶୁଘର ଲୋକ ହତ୍ୟା କରିଥିବା ନେଇ ରବିବାର ଝିଅର ବାପା ପ୍ରହଲ୍ଲାଦ ବେହେରା ଅଭିଯୋଗ କରିଛନ୍ତି।

ସାତଘରିଆ ଗାଁର ମହେଶ୍ୱର ନାଥ(୨୭) ୬ ମାସ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ବାଲିପାଟଣା ଗାଁର ପ୍ରହଲ୍ଲାଦଙ୍କ ଝିଅ ସୋନାଲୀଙ୍କୁ ୧୨।୭।୨୪ରେ ବୈଦିକ ରୀତିନୀତି ଅନୁସାରେ ବିବାହ କରିଥିଲେ। ବରପକ୍ଷଙ୍କ ଦାବି ମୁତାବକ ଜାନି ଯୌତୁକ ଆକାରରେ ୫୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଓ ଘରକରଣା ଜିନିଷପତ୍ର ଦିଆଯାଇଥିଲା। ମାସେ ଦୁଇମାସ ଝିଅ ଭଲରେ ଚଳିଥିଲା। ପରେ ସୋନାଲିଙ୍କ ସ୍ୱାମୀ ମହେଶ୍ୱର ଓ ପରିବାର ଲୋକ ଅଧିକ ଯୌତୁକ ଦାବି କରିଥିଲେ। ଅଧିକ ୧ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ବୋହୂ ସୋନାଲିଙ୍କୁ ବାଧ୍ୟ କରି ଗାଳିଗୁଲଜ ସହ ମାଡ଼ ମଧ୍ୟ ମାରୁଥିଲେ। ଯୌତୁକ ନ ଆଣିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସୋନାଲିଙ୍କୁ ସବୁବେଳେ ଏଭଳି ନିର୍ଯାତନା ଦିଆଯାଉଥିବା ସେ ବାପ ଘର ଲୋକଙ୍କୁ ଜଣାଇଥିଲେ। ତେବେ ସୋନାଲିଙ୍କ ଶାଶୁଘର ଲୋକ ରବିବାର ଅପରାହ୍ନ ସାଢ଼େ ୧ଟାରେ ଫୋନ ଯୋଗେ କହିଲେ ତୁମ ଝିଅ ଗୋଟିଏ ଘରେ କବାଟ କିଳି ଦେଇଛି, ଡାକିଲେ ଶୁଣୁନାହିଁ। ଖବରପାଇ ସନ୍ଧ୍ୟା ୬ଟା ବାପା ପ୍ରହଲ୍ଲାଦ ପହଞ୍ଚି ଦେଖନ୍ତି ଝିଅ ରଶି ଲଗାଇ ଆତ୍ମହତ୍ୟା କରିଛି। ଏହା ଆତ୍ମହତ୍ୟା ନୁହେଁ ବରଂ ଶାଶୁଘର ଲୋକମାନେ ମିଳିମିଶି ଝିଅକୁ ମାରି ଦେଇଥିବା ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଏସ୍ଆଇ ଚିନ୍ମୟ ମହାନ୍ତି ସ୍ୱାମୀ ମହେଶ୍ୱରଙ୍କୁ ଥାନାକୁ ଆଣି ଅଟକ ରଖିଛି। ସନ୍ଧ୍ୟାରେ ଅତିରିକ୍ତ ତହସିଲଦାର ଦେବବଲ୍ଲଭ ସେଠୀଙ୍କ ଉପସ୍ଥିତିରେ ପୋଲିସ ଘରର କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ସୋନାଲୀଙ୍କ ମୃତଦେହକୁ ଜବତ କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବ ବୋଲି ଏସ୍ଆଇ ଗୌରୀ ମୁର୍ମୁ କହିଛନ୍ତି।

# କୋଣାର୍କଠାରେ ନିର୍ମିତ ହୋଇଥିଲା ମହାଶ୍ରମଙ୍କ ବିଜୟୀ-ବିଗ୍ରହ

- ନିର୍ମାଣ ହୋଇଥିଲା ଶ୍ରୀସୂର୍ଯ୍ୟ-ଶ୍ରୀବ୍ରହ୍ମାଙ୍କର ମିଳିତ ବିଗ୍ରହ
- ଫଗୁ କିଣିବା ପାଇଁ ଦିଆଯାଇଥିଲା ତିନି କାହାଣ କଉଡ଼ି

ଡ. ସୁରେନ୍ଦ୍ର କୁମାର ମିଶ୍ର




ଆମେ ଗତସଂଖ୍ୟାରେ ସୂଚନା ଦେଇଥିଲୁ ୧୨୫୫ ମସିହାରେ ପଗଡ଼ି ସଦୃଶ ବାରଟି ମୁକୁଟ ଲାଙ୍ଗୁଳା ନରସିଂହଙ୍କ ଆଦେଶରେ ଶ୍ରୀପୁରୁଷୋତ୍ତମ କୋଷାଗାରକୁ ଅର୍ଥାତ୍ ଶ୍ରୀମନ୍ଦିର ଭଣ୍ଡାରକୁ ପଠାଯାଇଥିଲା। ପୋଥି ଅନୁଯାୟୀ ଶ୍ରୀମନ୍ଦିର ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଥିଲା। ଶ୍ରୀମନ୍ଦିର ପୁରାତନ କାଗଜାତରୁ ଆମେ ସୂଚନା ପାଇଥିଲୁ ୩୪ଟି ରାଜମୁକୁଟ ଭିତର ଭଣ୍ଡାରରେ ଥିଲା। (ତଥ୍ୟ- ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ରବୀନ୍ଦ୍ର ନାରାୟଣ ଦାଶ)। ଆମର ଉତ୍ସୁକତା ବଢ଼ିଲା। ପରମ୍ପରା ଅନୁଯାୟୀ ଓଡ଼ିଶାର ଗଜପତିମାନେ ଯୁଦ୍ଧରେ ପ୍ରତିପକ୍ଷକୁ ପରାସ୍ତ କରିବା ପରେ ପରାଜିତ ରାଜା/ମହାରାଜାମାନେ ନିଜର ରାଜମୁକୁଟକୁ ଗଜପତିଙ୍କୁ ହସ୍ତାନ୍ତର କରୁଥିଲେ। ଅନୁସନ୍ଧାନରୁ ଜାଣିଲୁ ଓଡ଼ିଶାର ପ୍ରାଚୀନ ସେନାବାହିନୀ ଗଡ଼, ଦୁର୍ଗ ଓ ସାମ୍ରାଜ୍ୟ ସମୁଦାୟ ୪୬ଟିରେ ବିଜୟଲାଭ କରିଥିଲେ। ତେଣୁ ଆଉ ୧୨ଟି ରାଜମୁକୁଟ କେଉଁଠି ରହିଲା ତା'ର ସୂଚନା ନାହିଁ। ତେବେ କ'ଣ ଲାଙ୍ଗୁଳା ନରସିଂହଦେବ, ତୁଗଇନ୍ ଖାଁଙ୍କ ମହଲରୁ ଆଣିଥିବା ସେଇ ୧୨ଟି ମୁକୁଟକୁ ମିଶାଇ ୪୬ଟି ହେବ ? ଏହା ସମ୍ଭାବନା ମାତ୍ର। ଆମେ ଅନୁସନ୍ଧାନରୁ ଦୂରେଇ ଯାଇନୁ। ଚାଲୁ ରହିଛି।

ସେହି ଯୁଦ୍ଧରୁ ଫେରିବା ପରେ ମହାଶ୍ରମ ଆଦେଶ ଦେଇଥିଲେ- ନିଜର ଏକ ସ୍ୱତନ୍ତ୍ର ବିଗ୍ରହ ଗଢ଼ିବା ପାଇଁ। ଶିବେଇ ସାମନ୍ତରାୟ ହଁ ତ ଭରିଲେ! ଟିକିଏ ମହାଶ୍ରମଙ୍କ ମୁହଁକୁ ଚାହିଁଲେ। ଗଜପତି ବୁଝିପାରିଲେ। କହିଲେ- ଜଣେ ଯୋଦ୍ଧା ଯୁଦ୍ଧରୁ ବିଜୟଲାଭ କରି ଫେରିବାର ମୁଦ୍ରାରେ ବିଗ୍ରହ ନିର୍ମାଣ ହେବ। ବିଜୟୀ ବିଗ୍ରହ। ଶିବେଇ ସାମନ୍ତରା କହିଲେ- ନିଶ୍ଚୟ ହେବ। ସେଥିପାଇଁ ସେ ବରାଦ କଲେ ୨୫ ମାଢ଼ ସୁନା।

ଶିବେଇ ସାମନ୍ତରାୟ ବିଜୟୀ ବିଗ୍ରହ ନିର୍ମାଣ ପାଇଁ ଆଦେଶ ଦେବା ପରେ ଗର୍ଭଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ଗର୍ଭପିଣ୍ଡି ବାସ୍ତୁ ଅନୁସାରେ ମାପଚୁପ ହେଲା। ଗିରିଧର ମହାପାତ୍ର ଅନୁରୋଧ କଲେ ନବଗ୍ରହ ପଥର ସ୍ତମ୍ଭର ତଳଭାଗ ଖୋଦେଇ ସରିଛି, ଆପଣ ଆସି ଟିକେ ଦେଖିଦିଅନ୍ତୁ। ସୂତ୍ରଧର (ଶିବେଇ ସାମନ୍ତରାୟ) ଦେଖି ସାରିବା ପରେ ସହମତ ହେଲେ। ସେତିକିବେଳେ ଦାମ ମହାପାତ୍ର କହିଲେ ମୋ କାମ ସରିଯାଇଛି। ନିର୍ମାଣ ନିୟମ ଅନୁସାରେ ତାହାକୁ ହସ୍ତାନ୍ତର କରିବାକୁ ଚାହୁଁଛି। ସୂତ୍ରଧର କହିଲେ, ତମେ ପରା ଚାରି ବାହୁ ବିଶିଷ୍ଟ ବିରଞ୍ଚି ନାରାୟଣଙ୍କର ବିଗ୍ରହ ନିର୍ମାଣ କରୁଥିଲ। ସମାପ୍ତ ହୋଇଛି ? ଦାମ ମହାପାତ୍ର ତାଙ୍କୁ ପାଛୋଟି ନେଲେ। ସୂତ୍ରଧର ଦେଖିଲେ ଦୁଇ ହାତରେ ପଦ୍ମ ଅଛି। ଗୋଟିଏ ହାତରେ ବେଦପୁସ୍ତକ। ଅନ୍ୟ ହାତରେ କମଣ୍ଡଳୁ। ଶ୍ରୀସୂର୍ଯ୍ୟ ଓ ଶ୍ରୀବ୍ରହ୍ମାଙ୍କର ଏହି ମିଳିତ ବିଗ୍ରହ ଦେଖି ଦଣ୍ଡେ ଅଟକିଗଲେ ସୂତ୍ରଧର।


ଜାତୀୟ ସଂଗ୍ରହାଳୟ, ନୂଆଦିଲ୍ଲୀରେ ଥିବା ଲାଙ୍ଗୁଳା ନରସିଂହ ଦେବଙ୍କ ବିଗ୍ରହ।
(ସୌଜନ୍ୟ – ଡ. କୁମାର ଆରଜ୍ୟୋତି)

ସୂତ୍ରଧର ପୁଣି ଫେରିଗଲେ ଗର୍ଭଗୃହକୁ। ରାମ ମହାପାତ୍ର, ମଧୁ ଓ ବିଶ୍ୱନାଥ ମହାପାତ୍ରଙ୍କୁ ସିଂହାସନ ନିର୍ମାଣର ମାପଦେଲେ। ସେମାନେ ପାଞ୍ଚଜଣ ପଥୁରିଆଙ୍କ ସହିତ କାର୍ଯ୍ୟ ସମାପ୍ତ କରିବେ ବୋଲି କହିବା ପରେ ସୂତ୍ରଧର ମୁଖଶାଳା ନିକଟରେ ପହଞ୍ଚିଥିଲେ। ମୁଖଶାଳାର ଦୁଆରବନ୍ଧ ସୂକ୍ଷ୍ମକାମ ଦାୟିତ୍ୱରେ ଥିଲେ ଗଦାଧର ମହାପାତ୍ର ଓ ରାମ ମହାରଣା। ଏହାପରେ ନିଧି ମହାରଣାଙ୍କ ନେତୃତ୍ୱରେ ୨୪ଜଣ ନିଯୁକ୍ତ ହୋଇଥିଲେ ସିଂହଦ୍ୱାର ଗୁମୁଟ ନିର୍ମାଣ କାର୍ଯ୍ୟ ପାଇଁ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତରଦ୍ୱାର ପାଇଁ 'ହାତୀଦ୍ୱାର' ଓ ଦକ୍ଷିଣଦ୍ୱାର ପାଇଁ 'ଘୋଡ଼ାଦ୍ୱାର' ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ଶିଳ୍ପୀମାନଙ୍କୁ ପାଣି ଓ ପାନ ଯୋଗାଇବା ବ୍ୟବସ୍ଥା ହୋଇଥିବା କଥା ପୂର୍ବରୁ ସୂଚନା ଦେଇଥିଲୁ। ଦୋଳ ପୂର୍ଣ୍ଣମୀ ପୂର୍ବରୁ ପାଣି ଯୋଗାଉଥିବା ସମିୟାକୁ ୨୪ ଗୌଣୀ ଧାନ ଦିଆଯିବା ପରେ କାମ ବନ୍ଦ ହୋଇଥିଲା। ତିନି କାହାଣ କଉଡ଼ି ଦିଆଯାଇଥିଲା 'ଫଗୁ' କିଣାଯିବା ପାଇଁ। ଫଗୁଖେଳ ପାଇଁ ଦୁଇଦିନ କାର୍ଯ୍ୟ ବନ୍ଦ ହେଲା।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ବେଳର ବ୍ୟବସ୍ଥା ଜାଣିବା ପରେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି, କେମିତି ଲେଖକମାନେ କଳ୍ପନା କରି ଲେଖିଲେ ଶିଳ୍ପୀମାନଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି! ଆଶ୍ଚର୍ଯ୍ୟ ତ ଲାଗୁଛି, କିନ୍ତୁ ସେମାନେ ଯେଉଁ ଚମକ ସୃଷ୍ଟି କରିବା ପାଇଁ ଓଡ଼ିଶାର ରାଜ ବ୍ୟବସ୍ଥା ତଥା ମନ୍ଦିର ନିର୍ମାଣ ବ୍ୟବସ୍ଥାକୁ ବିଶିଆଙ୍ଗୁଠି ଦେଖାଇଲେ ତାହା କାହାକୁ ନିନ୍ଦିତ କଲା ?

ପୋଥିର ତଥ୍ୟ ଅନୁଯାୟୀ ଦୁଇ ମାସ ଧରି ଲଗାତାର ପଥର କାମ କରୁଥିବା ୩୨ଜଣ ଶିଳ୍ପୀଙ୍କୁ ଦୋଳ ଉତ୍ସବ ଅବସରରେ ନିଜ ନିଜ ଘରକୁ ବିଶ୍ରାମ ପାଇଁ ପଠାଯାଇଥିଲା। ଆଶ୍ଚର୍ଯ୍ୟ ହେବାକୁ ପଡ଼େ ସେମାନେ ଘରକୁ ଯିବା ପାଇଁ ବାଟଖର୍ଚ୍ଚ ନିଜ ପାଉଣାରୁ ଖର୍ଚ୍ଚ କରି ନ ଥିଲେ। ରାସ୍ତାରେ ଖାଦ୍ୟ ଗ୍ରହଣ ପାଇଁ ଚାଉଳ ମଧ୍ୟ ଦିଆଯାଇଥିଲା। ସମ୍ମାନର କଥା। ସେବେଳେ ଆଜିକାଲି ପରି ଭୋଜନାଳୟ ବ୍ୟବସ୍ଥା ରାସ୍ତା କଡ଼ରେ ନ ଥିଲା। ରୋଷେଇ କରି ଖାଇବାକୁ ପଡୁଥିଲା। ସେଥିପାଇଁ ପ୍ରଶାସନିକ ସ୍ତରରେ ସୁବ୍ୟବସ୍ଥା କରାଯିବା, ଗୋଟାଏ ଜାତିର ମହନୀୟତାକୁ ପ୍ରମାଣିତ କରିଥାଏ।

